ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.43 Bhubaneswar Monday March 20 2023 | ୨୬ତମ ବର୍ଷ ସଂଖ୍ୟା-୪୩ ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

# ଏବିଆଇଡବ୍ଲ୍ୟୁଜେଆଇର ଉଦ୍‌ଘାଟନୀ ଉତ୍ସବ ପାଳିତ






(ଫଟୋ- ଶୁଭେନ୍ଦୁ)

ଭୁବନେଶ୍ୱର, ୧୯ ।୩(ପି.ଏନ): ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଅଫ୍ ଇଣ୍ଡିଆର ଆପେକ୍ସ ବଡି ଆଜି ଭୁବନେଶ୍ୱର ବୁଦ୍ଧ ମନ୍ଦିର ସଭା ହଲରେ ଏହାର ପ୍ରଥମ ଉଦ୍‌ଘାଟନୀ ସମାରୋହ ପାଳନ କରିଛି । ମୁଖ୍ୟଅତିଥି ଖଣ୍ଡାପଡ଼ା ବିଧାୟକ ତଥା ସମ୍ବାଦ ଓ କନକ ଟିଭିର ମୁଖ୍ୟ ସମ୍ପାଦକ ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନନୀତ ଅତିଥି ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ଓ୍ୟୁଡବ୍ଲ୍ୟୁଜେର ସଭାପତି ଶ୍ରୀ ସଞ୍ଜୟ ଦାସ, ଉପସଭାପତି ରଜନୀକାନ୍ତ ସାମନ୍ତରାୟ, ମୁଖ୍ୟବକ୍ତା କଳିଙ୍ଗ ମିଡ଼ିଆ ନେଟୱାର୍କର ନିର୍ଦ୍ଦେଶକ ଡକ୍ଟର ମହେଶ୍ୱର ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ସୌମ୍ୟ ରଂଜନ ପଟ୍ଟନାୟକ ସାମ୍ବାଦିକମାନଙ୍କ ଭୂମିକା ବିଷୟରେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରି କହିଥିଲେ ଯେ, ସାମ୍ବାଦିକମାନେ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ହେବା ଆବଶ୍ୟକ ଏବଂ ସେମାନେ ପ୍ରକୃତ ସତ୍ୟର ମୁକାବିଲା କରିବା ସହ ସମସ୍ତ ବାଧାବିଘ୍ନ, ସମସ୍ୟାକୁ ସାମ୍ନା କରିବା ଉଚିତ । ସେମାନଙ୍କୁ ସେମାନଙ୍କର କଲମ ବ୍ୟବହାର କରି ସମାଜରେ ଶକ୍ତି ଏବଂ ସ୍ଥିତି ଜାହିର କରିବାକୁ ପଡିବ । ସେମାନେ ଶସ୍ତା ପ୍ରଚାର ପଛରେ ଦୌଡ଼ିବା ଉଚିତ୍ ନୁହେଁ । ସମ୍ମାନ ସ୍ୱାଭିମାନ ତଥା ସାଲିସ ବିହୀନ ଭାବେ ନିଜର କର୍ମ ସମ୍ପାଦନ କରିବା ଉଚିତ । ସମ୍ମାନୀତ ଅତିଥି ଡକ୍ଟର ପବିତ୍ର ମୋହନ ସାମନ୍ତରାୟ । ସାମ୍ବାଦିକମାନଙ୍କୁ ଏକାଠି ହୋଇ ସଂଘବଦ୍ଧ ଭାବେ କାମ କଲେ ସାମ୍ବାଦିକମାନଙ୍କର ଦୀର୍ଘ ଦିନର ଦାବିଗୁଡ଼ିକୁ ସରକାର ନିଶ୍ଚିତ ଭାବେ ପୂରଣ କରିବେ ବୋଲି ମତବ୍ୟକ୍ତ କରିଥିଲେ । ଉଦାହରଣ ମାଧ୍ୟମରେ ସଦ୍ୟ ଓଡ଼ିଶା ଡ୍ରାଇଭର ମହାସଂଘ ନିଜ ଦାବି ପୂରଣ ପାଇଁ କିପରି ସୁସଙ୍ଗଠିତ ଓ ସଙ୍ଘବଦ୍ଧ ଭାବେ ସରକାରକୁ ତାଙ୍କ ଦାବି ପୂରଣ କରିବା ପାଇଁ ମନାଇବାରେ ସଫଳ ହୋଇଥିଲେ । ମୁଖ୍ୟବକ୍ତା ଡକ୍ଟର ମହେଶ୍ୱର ସାମ୍ବାଦିକମାନଙ୍କର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଅତ୍ୟନ୍ତ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଅନ୍ୟତମ ଅତିଥି ଶ୍ରୀ ସଞ୍ଜୟ ଦାସ ଓ ରଜନୀକାନ୍ତ ସାମନ୍ତରାୟ ସାମ୍ବାଦିକମାନଙ୍କ ନ୍ୟାୟୋଚିତ ଦାବି ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ଶ୍ରୀ ସୁନୀଲ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସଂଘର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସଂଘର ସମ୍ପାଦକ ଶ୍ରୀ ମହେଶ୍ୱର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓବିସି ବର୍ଗଙ୍କୁ ମିଳୁନି ନ୍ୟାୟ, ବିଜେପି କରିବ ଘର ଘର ଚ଼ାଲ ଅଭିଯାନ

ଭୁବନେଶ୍ୱର, ୧୯ ।୩(ପି.ଏନ): ଓଡିଶାରେ ଦୀର୍ଘ ୨୩ ବର୍ଷ ଧରି ନିରନ୍ତର ଶାସନ କ୍ଷମତାରେ ଥିବା ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ରାଜ୍ୟର ପଛୁଆ ବର୍ଗଙ୍କ ପ୍ରତି ଆଦୌ ଦରଦ ନାହିଁ ଏବଂ ତାଙ୍କୁ ବିକାଶ ଧାରାରୁ ବଂଚିତ ରଖୁଛନ୍ତି । ଓଡିଶାରେ ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ ହେଉଛନ୍ତି ପଛୁଆ ବର୍ଗର । ଆଜି ପର୍ଯ୍ୟନ୍ତ ପଛୁଆ ବର୍ଗର ସମୁଦାୟମାନଙ୍କୁ ଶିକ୍ଷା, ନିଯୁକ୍ତି ବା ସ୍ଥାନୀୟ ପଂଚାୟତ ଓ ପୌର ନିର୍ବାଚନରେ ସଂରକ୍ଷଣ ଦେବାରେ ବିଫଳ ହୋଇଛନ୍ତି ବିଜେଡି ସରକାର । ସମଗ୍ର ଦେଶରେ ଓଡିଶା ଏଭଳି ଏକ ରାଜ୍ୟ ଯେଉଁଠି ଅର୍ଦ୍ଧାଧିକ ଜନସଂଖ୍ୟା ବିଶିଷ୍ଟ ପଛୁଆ ବର୍ଗଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ କରିଛନ୍ତି ରାଜ୍ୟ ସରକାର ବୋଲି ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଶ୍ରୀମତୀ କ୍ରୀଷ୍ଣା ଗୌର କହିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଗୌର କହିଛନ୍ତି ଯେ, ପଛୁଆ ବର୍ଗ କମିଶନ ହେଉଛି ଏକ ସାମ୍ବିଧାନିକ ସଂସ୍ଥା ହୋଇଥିବାବେଳେ ଓଡିଶାରେ ପଛୁଆ ବର୍ଗ କମିଶନଙ୍କୁ କୌଣସି କ୍ଷମତା ଦିଆଯାଇନାହିଁ । ଏହି ସଂସ୍ଥାଟି କେବଳ ନାମକୁ ମାତ୍ର ହୋଇଥିବାବେଳେ କମିଶନ ଦନ୍ତ ହୀନ ସଦୃଶ । ସେହିପରି କେନ୍ଦ୍ର ସରକାର ଓବିସି ବର୍ଗଙ୍କୁ ଶିକ୍ଷା, ନିଯୁକ୍ତିରେ ୨୭% ସଂରକ୍ଷଣ ଦେଉଥିଲେ ବି ଓଡ଼ିଶା ସରକାର ରାଜ୍ୟ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି । ଓବିସି ବର୍ଗଙ୍କ ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଅଣଦେଖା କରିଆସୁଥିବାରୁ ବହୁ ସଂଖ୍ୟାରେ ଆର୍ଥିକ ଅନଗ୍ରସର ଓ ପଛୁଆ ବର୍ଗର ଛାତ୍ରଛାତ୍ରୀ ଆଜି ସମାଜର ବିକାଶ ସ୍ରୋତରେ ସାମିଲ ହେବାରୁ ବଂଚିତ ହେଉଛନ୍ତି । ପଛୁଆ ବର୍ଗର ଯୁବକଯୁବତୀଙ୍କ ପାଇଁ ଅନ୍ୟ ରାଜ୍ୟମାନେ କୋଟି କୋଟି ଟଙ୍କାର ସୁବିଧା ସୁଯୋଗ ଯୋଗାଇ ଦେଉଥିବାବେଳେ ଓଡିଶା ସରକାର ଅଣଦେଖା କରୁଛନ୍ତି । ପଛୁଆ ବର୍ଗର ଯୁବକମାନଙ୍କର ଆତ୍ମନିଯୁକ୍ତି ପାଇଁ ଥିବା ଓଡିଶା ଓବିସି ଫାଇନାନ୍ସ ଆଣ୍ଡ ଡେଭେଲପମେଂଟ କର୍ପୋରେସନ ଆଜି ବନ୍ଦ ହୋଇ ପଡିରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଓଡିଶାରେ ଥିବା ପଛୁଆ ବର୍ଗଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ କେବେ ସଂରକ୍ଷଣ କେବେ ମିଳିବ ? ପଛୁଆ ବର୍ଗଙ୍କୁ ତାଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଂଚିତ ରଖିପାରିବେ ନାହିଁ ବିଜେଡି ସରକାର । ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ ନହେବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରୀ ରଖିବ ବୋଲି ଶ୍ରୀମତୀ ଗୌର କହିଛନ୍ତି ।ସମାଜର ଶୋଷିତ, ପୀଡିତ, ବଂଚିତ ପଛୁଆବର୍ଗଙ୍କ ବିକାଶ ପାଇଁ କୌଣସି ସାମ୍ବିଧାନିକ ନିୟମ ନଥିଲା । କିନ୍ତୁ ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ପଛୁଆ ବର୍ଗଙ୍କ ବିକାଶକୁ ଗୁରୁତ୍ୱ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ ନେତୃତ୍ୱ ନେବା ପରେ ଓବିସି ବର୍ଗଙ୍କ ଭାଗ୍ୟର ସୂର୍ଯ୍ୟୋଦୟ କରିଥିଲେ । ଶିକ୍ଷା, ଚାକିରୀ ଓ ବ୍ୟବସାୟ କ୍ଷେତ୍ରରେ ଓବିସି ବର୍ଗର ଲୋକେ କିଭଳି ଉପକୃତ ହେବେ ସେ ନେଇ ମୋଦୀ ସରକାର ସଂକଳ୍ପବଦ୍ଧ । ବିଶେଷ ଭାବେ କେନ୍ଦ୍ର ସରକାରଙ୍କ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ନିଯୁକ୍ତିରେ ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । କେନ୍ଦ୍ର ସରକାରଙ୍କ ଅଧିନସ୍ଥ ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ସୈନିକ ସ୍କୁଲରେ ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପଢ଼ିବାର ସୁବନ୍ଦୋବସ୍ତ ମୋଦି ସରକାର କରିଛନ୍ତି । ଓବିସି ବର୍ଗର ଛାତ୍ରଛାତ୍ରୀମାନେ ନିଟ୍, ମେଡିକାଲ, ଡେଂଟାଲ ଓ ଇଂଜିନିୟରିଂ ଶିକ୍ଷା କ୍ଷେତ୍ରରେ ମଧ୍ୟ ୨୭ ପ୍ରତିଶତ ସଂରକ୍ଷଣର ସୁନିଶ୍ଚିତ କରିଛନ୍ତି । ମୋଦିଜୀ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳରେ ଓବିସି ବର୍ଗର ୨୭ଜଣ ମନ୍ତ୍ରୀଙ୍କୁ ସ୍ଥାନ ଦେଇଛନ୍ତି । ବିଜେପି ଶାସିତ ରାଜ୍ୟମାନଙ୍କରେ ପଛୁଆ ବର୍ଗକୁ ଶିକ୍ଷା, ନିଯୁକ୍ତି ଓ ପଂଚାୟତ ନିର୍ବାଚନରେ ସଂରକ୍ଷଣ ପ୍ରଦାନ କରାଯାଉଛି । ମଧ୍ୟପ୍ରଦେଶ, ଉତରପ୍ରଦେଶ ଭଳି ବଡ ବଡ ବିଜେପି ଶାସିତ ରାଜ୍ୟରେ ପଛୁଆ ବର୍ଗଙ୍କ ସଂରକ୍ଷଣ ପାଇଁ ନ୍ୟାୟିକ ଲଢାଇ ଲଢି ସେମାନଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରିଥିବାବେଳେ ଓଡିଶା ସରକାର କାହିଁକି ସେପରି କରିନାହାନ୍ତି ବୋଲି ଶ୍ରୀମତୀ ଗୌର କହିଛନ୍ତି ।




### କୁମ୍ବିଂ ଅପରେସନ ବେଳେ ଦେଶୀ ବନ୍ଧୁକ ଜବତ, ୧୧ ଅଟକ

କନ୍ଧମାଳ, ୧୯ ।୩(ପି.ଏନ): କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ୍ ଅନ୍ତର୍ଗତ ହରିପୁର ନିକଟସ୍ଥ ବୁଢ଼ା ପାହାଡ଼ରେ ସିଆରପିଏଫ୍ ଯବାନଙ୍କ ପକ୍ଷରୁ କୁମ୍ବିଂ ଅପରେସନ ଚାଲିଥିବା ବେଳେ ସନ୍ଦେହଜନକ ଭାବେ ୧୧ ଜଣଙ୍କୁ ସିଆରପିଏଫ୍ ଯବାନ କାବୁ କରିଥିବା ଜଣାପଡ଼ିଛି । ସେମାନଙ୍କ ନିକଟରୁ ୪ଟି ଦେଶୀ ବନ୍ଧୁକ, ୩ଟି ଟାଙ୍ଗିଆ, ଗୋଟିଏ କଟୁରୀ, ରଂଜକ, ହେଡ଼ ଟର୍ଚ୍ଚ ଲାଇଟ, ଥାଳି, ୨ଟି ମୋବାଇଲ ଫୋନ୍ ଜବତ ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ, ଆଜି ପୂର୍ବାହ୍ନ ପ୍ରାୟ ୮ଟା ସମୟରେ କୋଟଗଡ଼ ଠାରେ ନିୟୋଜିତ ସିଆରପିଏଫ୍ ଯବାନ୍ ନିଜର ଦୈନିକ ରୁଟିନ୍ ଅନୁଯାଇ ମାଦାଗୁଡା ପଂଚାୟତର ଝରିଘାଟି ଗାଁ ନିକଟସ୍ଥ ବୁଢ଼ା ପାହାଡ଼ରେ କୁମ୍ବିଙ୍ଗ କରିବା ବେଳେ ଦେଶୀ ବନ୍ଧୁକଧାରୀ କିଛି ଲୋକ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ । ଫଳରେ ସିଆରପିଏଫ୍ ପକ୍ଷରୁ ସେମାନଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ବହୁ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି । ମାଓ ପ୍ରବଣ ଅଂଚଳ ହୋଇଥିବାରୁ ସେହି ଲୋକମାନେ କିଏ ଏବଂ କେଉଁ ପରିସ୍ଥିତିରେ ବନ୍ଧୁକ ଧରି ଘଂଚ ଜଙ୍ଗଲରେ ବୁଲୁଥିଲେ ଏବଂ ମାଓ ସଙ୍ଗଠନ ସହ ସେମାନଙ୍କର କିଛି ଲିଙ୍କ୍ ରହିଛି କି, ସେନେଇ ସିଆରପିଏଫ୍ ପକ୍ଷରୁ ଖୋଳତାଡ଼ ଜାରି ରହିଥିବା ଜଣାପଡ଼ିଛି ।

### ଅଦିନିଆ ବର୍ଷାରେ ଉଜୁଡିଗଲା ଶହ ଶହ ଏକର ତରଭୁଜ ଫସଲ

ମାଲକାନଗିରି, ୧୯ ।୩(ପି.ଏନ): କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତ ଅନ୍ତର୍ଗତ ନାଲିଗୁଡା ଓ ଏହାର ଆଖପାଖ ଅଂଚଳରେ ଅଦିନିଆ ବର୍ଷା ଯୋଗୁଁ ଚାଷୀ ମାନଙ୍କର ଶହ ଶହ ଏକର ପରିମିତ ଚାଷଜମିରେ ଲାଗିଥିବା ତରଭୁଜ ଫସଲ କ୍ଷତିଗ୍ରସ୍ତ ହୋଇଛି ।ନାଲିଗୁଡା ଗ୍ରାମର ସମାରୁ ନାଲିଙ୍କ କହିବାନୁସାରେ ସେ ବରୋଦା ବ୍ୟାଙ୍କରୁ ୫୦୦୦୦/- ଟଙ୍କା ଋଣ କରି ନିଜ ଜମିରେ ତରଭୁଜ ଫସଲ ଲଗେଇଥିଲେ, କିନ୍ତୁ ଲଘୁଚାପ ଜନିତ ଅଦିନିଆ ବର୍ଷା ଯେମିତି ତାଙ୍କର ସବୁ ପରିଶ୍ରମର ଫଳ ଧୋଇ ଦେଇଛି ।



ଭୁବନେଶ୍ୱରସ୍ଥ ଜୟଦେବ ଭବନରେ 'ନବୀନ @ ୨୫ ପର୍ସପେକ୍ଟିଭ୍' ପୁସ୍ତକ ଉନ୍ମୋଚନ ସମାରୋହରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଡକ୍ଟର ପ୍ରଦୀପ କୁମାର ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇଛନ୍ତି (ଫଟୋ- ପର୍ଯ୍ୟବେକ୍ଷକ)

## ଘରେ ଦେଖା କରି ନୋଟିସ୍ ଦେଲା ପୁଲିସ, ରାହୁଲ ମାଗିଲେ ସମୟ

ନୂଆଦିଲ୍ଲୀ, ୧୯ ।୩(ପି.ଏନ): ଭାରତ ଯୋଡୋ ଯାତ୍ରା ବେଳେ ଦେଇଥିବା ବୟାନକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଘାଣ୍ଟିଛି ପୁଲିସ । ଏଥିପାଇଁ ଆଜି ଦିଲ୍ଲୀ ସ୍ଥିତ ତାଙ୍କ ବାସଭବନରେ ପୁଲିସ ଡେରା ପକାଇଥିଲା । ଦୀର୍ଘ ଦୁଇ ଘଣ୍ଟା ଅପେକ୍ଷା ପରେ ରାହୁଲଙ୍କୁ ଭେଟି ପଚ଼ରାଉଚ଼ରା କରିବା ପରେ ପୁଲିସ ନୋଟିସ୍ ଦେଇଛି । ତେବେ ଏଥିପାଇଁ ସମୟ ମାଗିଛନ୍ତି ରାହୁଲ ।ଜମ୍ମୁ କଶ୍ମୀର ଭାରତ ଯୋଡୋ ଯାତ୍ରା ବେଳେ ଅନେକ ମହିଳା ତାଙ୍କୁ ଯୌନ ଉତ୍ପୀଡନର ଶିକାର ହୋଇଥିବା ନେଇ କହିଥିବା ବୟାନ ଦେଇଥିଲେ । ବୟାନ ଆଧାରରେ ଦିଲ୍ଲୀ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ରବିବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ବାସଭବନରେ ପହଞ୍ଚି ତାଙ୍କୁ ନୋଟିସ ଦେଇଛନ୍ତି ।

## ବବି ଦାସ ଲୋକଙ୍କର ନୁହେଁ ବରଂ ପ୍ରଶାସନିକ ଅଧିକାରୀଙ୍କ କ୍ରୀତଦାସ ହେବାକୁ ଚ଼ାହୁଁଛନ୍ତି: ବିଜେପି

ଭୁବନେଶ୍ୱର, ୧୯ ।୩(ପି.ଏନ): ବ୍ରିଟିଶ ଶାସନ ସମୟର ଘୃଣ୍ୟପ୍ରଥା ଥିବା କ୍ରୀତଦାସ ପ୍ରଥାକୁ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି ବାବୁ ଦୋହରାଇ ପ୍ରଶାସନିକ ଅଧିକାରୀଙ୍କ କ୍ରୀତଦାସ ହେବାକୁ ଚାହୁଁଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର । ଶ୍ରୀ ମହାପାତ୍ର କହିଛନ୍ତି ଯେ ଗତକାଲି ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯେଉଁ ଦରକାର ପଡିଲେ କ୍ରୀତଦାସ ହେବି କଥା କହିଛନ୍ତି, ବୋଧ ହୁଏ ସେ ଇତିହାସକୁ ଠିକ୍ ଭାବେ ଅନୁଶୀଳନ ନ କରି କହିଛନ୍ତି । ତାଙ୍କର ମନ୍ତବ୍ୟ ସାମନ୍ତବାଦୀ ମାନସିକତାର ପରିଚୟ । ବ୍ରିଟିଶ ଶାସନ କାଳରେ ପରାଧୀନତା ସମୟରେ ଥିବା କ୍ରୀତଦାସ ଭଳି ଘୃଣ୍ୟପ୍ରଥାକୁ ବବି ବାବୁ କହି ଏହାକୁ ପୁନର୍ଜୀବିତ କରିଛନ୍ତି । ଏଥିରୁ ଜଣାପଡୁଛି, ଓଡ଼ିଶା ଏବେ କେଉଁ ସ୍ଥିତିରେ ଅଛି ଏବଂ କେଉଁ ଆଡକୁ ଗତି କରୁଛି ? ଓଡ଼ିଶାରେ ବ୍ରିଟିଶ ଶାସନ ସମୟର ପରମ୍ପରା ଲାଗୁ କରିବା ତଥା ରାଜ୍ୟକୁ ପରାଧୀନ ମାନସିକତା ଆଡକୁ ନେବାର ଯୋଜନା ନାହିଁ ତ ? ବବି ବାବୁ କ୍ରୀତଦାସ କାହାର ହେବା ପାଇଁ ଚାହୁଁଛନ୍ତି ? ବୋଧ ହୁଏ ସେ ନିଜ ଚାକିରି ବଂଚାଇବା ପାଇଁ କିଛି ପ୍ରଶାସନିକ ଅଧିକାରୀଙ୍କ କ୍ରୀତଦାସ ହେବାକୁ ମନ ବଳାଇଛନ୍ତି, ଯାହା ଜଣେ ରାଜନୀତିରେ ଥିବା ବ୍ୟକ୍ତି ମାନଙ୍କ ପାଇଁ କଷ୍ଟଦାୟକ । ଯେଉଁଠି ପ୍ରଶାସନିକ ଅଧିକାରୀ ରୁମ ଭିତରେ ବସିଛନ୍ତି ଏବଂ ବାହାରେ ଜଣେ ବିଧାୟକ ଦ୍ୱାର ପାଖରେ ରହି ଡ୍ୟୁଟି କରୁଛନ୍ତି, ଏହା କେଉଁ ପରମ୍ପରା ବୋଲି ପ୍ରଶ୍ନ କରିବା ସହ ସେ କହିଛନ୍ତି ବବି ବାବୁ ଯେଉଁ ସିଏମଓ ବୋଲି କହିଲେ, ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରିନ୍ସିପାଲ ସେକ୍ରେଟିରୀ ସିଏମଓ ନା ବ୍ୟକ୍ତିଗତ ସଚିବ ସିଏମଓ ? ଓଡ଼ିଶାବାସୀ ଜାଣିପାରୁନାହାନ୍ତି, ସିଏମଓ କିଏ ? ବବି ବାବୁ ସ୍ପଷ୍ଟ କଲେ ଆହୁରି ଭଲ ହୁଅନ୍ତା । ବବି ବାବୁ ବାହାର ଜିଲ୍ଲାକୁ ଯାଇ ସରକାରୀ କାର୍ଯ୍ୟରେ ସହଯୋଗ କରୁଛନ୍ତି ବୋଲି କହୁଛନ୍ତି । ତେବେ ତାଙ୍କୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ କରାଇଥିଲେ ଭଲ ହୋଇଥାନ୍ତା ? କରାଇନାହାନ୍ତି କାହିଁକି ? ତାଙ୍କ କଥାରୁ ଜଣାପଡୁଛି, ଦକ୍ଷତା ଥିବା ଲୋକଙ୍କୁ ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରୀ ମଣ୍ଡଳ ବାହାରେ ରଖିଛନ୍ତି ଓ ଦକ୍ଷତା ସମ୍ପନ୍ନ ନଥିବା ଲୋକଙ୍କୁ ମନ୍ତ୍ରୀ ମଣ୍ଡଳ ଭିତରେ ରଖିଛନ୍ତି । ୫ଟି ଏକ ଚିନ୍ତାଧାରା ବୋଲି ବିଜେଡି କହୁଛି । ଚିନ୍ତାଧାରାଟି ଲୋକଙ୍କ ସମସ୍ୟାର ସମାଧାନ କରିବ କେମିତି ? କାଲିର କଥାରେ ୫ଟି ଥିଲା, ନା ସିଏମଓ ଥିଲା, ନା ଉଭୟ କଥାର ମିଛର ସାହାରା ନିଆଯାଇଥିଲା । ଜଣେ ପ୍ରଶାସନିକ ଅଧିକାରୀକୁ ବିଜେଡ଼ି କେତେବେଳେ କେଉଁ ପଦ ପଦବୀରେ ଅଳଙ୍କୃତ କରୁଛି ? କେତେବେଳେ ୫ଟି ଆଳରେ ଚିନ୍ତାଧାରା କହୁଛି ତ କେତେବେଳେ ସିଏମଓ କହୁଛି । ଏହି ପରମ୍ପରା ଓଡ଼ିଶାରେ କେବେ ଦେଖିବାକୁ ମିଳିନଥିଲା କି କେବେ ଜଣେ ରାଜନୈତିକ ବ୍ୟକ୍ତି ପ୍ରଶାସନିକ ବ୍ୟକ୍ତିର ଚାଟୁକାରିତା କରିବାର ନଜିର ନଥିଲା । ଏବେ ଓଡ଼ିଶାରେ ନୂଆ ପରମ୍ପରା ସୃଷ୍ଟି ହେଉଛି । ଜଣେ ଜନ ପ୍ରତିନିଧି ହିସାବରେ ଆପଣ ଓଡ଼ିଶା ଲୋକଙ୍କୁ ଆଉ ଭୂଆଁ ବୁଲାନ୍ତୁ ନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଣଜିତ୍ ଦାସ ଉପସ୍ଥିତ ଥିଲେ ।




## ଜଙ୍ଗଲ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଅସୁରକ୍ଷିତ ବନ୍ୟଜନ୍ତୁ : ବାଘ ଛାଲ, କୁଟୁରା ଓ ହରିଣ ଛାଲ ଜବତ, ଜଣେ ଗିରଫ

ବୌଦ୍ଧ, ୧୯ ।୩(ପି.ଏନ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଂଚଳରୁ ଏକ କଲରାପତାରିଆ ବାଘ ଛାଲ ଜବତ କରିଛି ପୋଲିସ ଏସଟିଫ । ଏହାସହିତ ଗୋଟିଏ କୁଟୁରା ଓ ଗୋଟିଏ ହରିଣ ଛାଲ ମଧ୍ୟ ଜବତ କରାଯାଇଛି । ପୋଲିସ ଏସଟିଫ ଏହି ଘଟଣାରେ ଜଣକୁ ଗିରଫ କରିଛି ।ସୂଚନା ମୁତାବକ, ବୌଦ୍ଧ ଜିଲ୍ଲାରେ ବନ୍ୟଜନ୍ତୁ ଚମଡା କାରବାର ନେଇ ଏସଟିଏଫ ଖବର ପାଇ ଚାରିଛକ ଠାରେ ୫ ଦିନ ହେଲା ଡେରା ପକାଇ ରହିଥିଲା । ପରେ ହରଭଙ୍ଗା ଅଂଚଳରେ ବାଘ ଛାଲ ଡିଲ ନେଇ ସୂଚନା ପାଇଥିଲା ଏସଟିଫ । ପରେ ଏହାକୁ ବ୍ରେକ କରିବା ପାଇଁ ଏସଟିଏଫ ଓ ବନବିଭାଗ ଦ୍ୱାରା ମିଳିତ ଭାବେ ଏକ ଅପରେସନ କରାଯାଇଥିଲା । ଶେଷରେ ଗତକାଲି ବିଳମ୍ବିତ ରାତ୍ରିରେ ହରଭଙ୍ଗା ଅଂଚଳରୁ ୩ଟି ଜନ୍ତୁ ଛାଲ ଜବତ କରିବା ସହ ଘଟଣାରେ ଜଣକୁ ଗିରଫ କରିଛି ଏସଟିଫ । ତାର ନାମ ଗିରିଜା ସାହୁ । ଜନ୍ତୁ ଗୁଡିକୁ ସାତକୋଶିଆ ଓ୍ୱାଇଲଡ ଲାଇଫ ଅଂଚଳରେ ଶିକାର କରାଯାଇଥିବା ଅନୁମାନ କରାଯାଉଛି । ହରଭଙ୍ଗାର ଗିରିଜା ସାହୁଙ୍କୁ ବନ୍ୟଜନ୍ତୁ ଚମଡା କାରବାର ଅଭିଯୋଗରେ ଗିରଫ କରିଛି ସ୍ପେଶାଲ ଟାସ୍କ ଫୋର୍ସ । ବୌଦ୍ଧ ଜିଲା ହରଭଂଗା ଥାନା ଅଂଚଳରେ ବନ୍ୟଜନ୍ତୁ ଚମଡା କାରବାରରେ ସମ୍ପୃକ୍ତ ରହିଥିଲେ ଗିରିଜା । ବାଘ ଛାଲ, କୁଟୁରା ଓ ହରିଣ ଛାଲ ବିକ୍ରୟ କରୁଥିବା ବେଳେ ସ୍ପେଶାଲ ଟାସ୍କ ଫୋର୍ସ ହାତରେ ଧରାପଡ଼ିଛନ୍ତି ଗିରିଜା । ସେ ନିଜେ ଶିକାର ନକରି ଶିକାରୀଙ୍କ ସହ ମିଶି ବନ୍ୟଜନ୍ତୁ ଚମଡା କାରବାର କରୁଥିଲେ । ସେ ନେଇ ବନବିଭଗ ଓ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସର ଅଧିକାରୀମାନେ ତଦନ୍ତ କରୁଛନ୍ତି । ଖୋଦ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବୌଦ୍ଧ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିଲେ ହେଁ ଜିଲ୍ଲାରେ ବନ୍ୟ ଜନ୍ତୁ ସୁରକ୍ଷିତ ନୁହନ୍ତି । ଫଳରେ ବନ୍ୟ ଜନ୍ତୁ ଓ ପରିବେଶବିତଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି । ଦୋଷୀଙ୍କୁ କଠୋର ଦଣ୍ଡ ମିଳୁ ନ ଥିବାରୁ ବିଭିନ୍ନ ସମୟରେ ଅନେକ ବନ୍ୟଜନ୍ତୁ ଶିକାରୀଙ୍କ ଦ୍ୱାରା ମୃତ୍ୟୁ ମୁଖରେ ପଡୁଥିବା ଦେଖିବାକୁ ମିଳୁଛି ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙକ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହେଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଲା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇଙ୍କୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇଙ୍କୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଯାଯାବର ଜୀବନ


ସୁଚରିତା ମହାନ୍ତି

ଆମ ଦୈନନ୍ଦିନ ଜୀବନରେ ଅନେକ ପ୍ରକାରର ସମସ୍ୟା ଲାଗି ରହିଥାଏ ।ଆମ ମାନଙ୍କ ଭିତରୁ ପ୍ରାୟତଃ ଦେଖିବାକୁ ଗଲେ ଅଧିକାଂଶ ଲୋକ ଭଡ଼ା ଘର ନେଇ ଜୀବନ ବିତାଇ ଥାନ୍ତି ।ଚାକିରିଆ ଙ୍କ କ୍ଷେତ୍ରରେ ଏଇ ଘରଭଡ଼ା ସମସ୍ୟା ଟି ବିଶେଷ ଭାବରେ ଥାଏ । ସମସ୍ତଙ୍କୁ ସରକାରୀ ଘର ମିଳିନଥାଏ । ଅବସର ପର୍ଯ୍ୟନ୍ତ ରହିବାକୁ ପଡ଼ । ଅନେକ କର୍ମଚାରୀ ସରକାରୀ ଘର ପସନ୍ଦ କରନ୍ତି ନାହିଁ ବୋଲି ଘର ଭଡ଼ା ନେଇ ରହିଥାନ୍ତି । ନିଜ ନିଜ ର ପରିବାର ଲୋକ ସଂଖ୍ୟା, ଘର ର ଆସବାବପତ୍ର ଏମିତି ବିଭିନ୍ନ ପ୍ରକାରର ଆବଶ୍ୟକତା କୁ ଦୃଷ୍ଟି ରେ ରଖି ଘର ଭଡ଼ା ନେଇଥାନ୍ତି । କିଏ କିଏ ଗୋଟିଏ ଗୋଟିଏ ଘରେ ୧୦/୧୫ ବର୍ଷ ରହିଯାନ୍ତି ଆଉ କିଏ କିଏ ୧ ବର୍ଷ କି ୨/୩ ବର୍ଷ ଭିତରେ ପୁଣି ଅନ୍ୟ ଘର ବଦଳାଇଥାନ୍ତି ।

ଘର ଅନୁସାରେ ମାଲିକ ଭଡ଼ା କମ୍ ବେଶୀ ରଖିଥାନ୍ତି । ନିୟମିତ ଭଡ଼ା ନଦେଲେ ବା ଭଡ଼ାଟିଆଙ୍କର କିଛି ସମସ୍ୟା ହେଲେ ମାଲିକ ସେ ସବୁ କିଛି ବୁଝନ୍ତି ନାହିଁ ରୋକ୍ ଠୋକ୍ କହି ଦିଅନ୍ତି ଘର ଛାଡ଼ । କେହି କେହି ଭଦ୍ରବ୍ୟକ୍ତି ଭଡ଼ାଟିଆ ଙ୍କ ଅସୁବିଧା ବୁଝିଥାନ୍ତି ଏବଂ ବିପଦ ଆପଦ ରେ ସାହାଯ୍ୟ ସହାନୁଭୂତି ଦେଖାଇଥାନ୍ତି । ମହାମାରୀ କରୋନା ସମୟରେ ବହୁ ଘର ମାଲିକ ଭଡ଼ାଟିଆ ମାନଙ୍କ ପାଖରୁ ଭଡ଼ା ନେଇ ନାହାନ୍ତି ଏବଂ ସେମାନଙ୍କ ର ଯତ୍ନ ମଧ ନେଇ ଥିବାର ଜଣାପଡ଼ିଛି ।ସେମିତି ଲୋକ କାଁ ଭାଁ ମିଳିଥାନ୍ତି । ଭଡ଼ା ଘରେ ରହିଚ୍ ମାନେ ତମର କିଛି ସ୍ୱାଧୀନତା ନାହିଁ କହିଲେ ଚଳେ ।କଷ୍ଟେମଷ୍ଟେ ସମତା ରକ୍ଷା କରି ରହିବା କଥା ।ଆଉ ଅନ୍ୟ ଉପାୟ ନଥାଏ। ଜଣେ ଜଣେ ମାଲିକ ତାଙ୍କ ମନ ଇଛା ଅନୁସାରେ ପ୍ରତିବର୍ଷ ଭଡ଼ା ବଢେଇ ଚାଲନ୍ତି । ଅର୍ଥ ଲାଳସା ରେ ବହୁତ ଭଡ଼ାଟିଆ ରଖିଥାନ୍ତି ଯେଉଁମାନଙ୍କ ଭିତରେ ସାମାନ୍ୟ ସାମାନ୍ୟ କଥାକୁ ନେଇ ବଚ୍ସା ହୋଇଥାଏ । ଭଡ଼ା ଘରେ ରହିଲେ ଲୋକ ଭାବନ୍ତି ଏମାନଙ୍କ ର ଘର ଦ୍ୱାର ନାହିଁ କି ମାନ ସମ୍ମାନ ନାହିଁ । ତେଣୁ ଅନେକ ସମସ୍ୟା କୁ ସାଥୀ ରେ ଧରି ଭଡ଼ା ଘରେ ମୁଣ୍ଡ ଗୁଞ୍ଜି ରହିବାକୁ ପଡ଼ । ଏଇ ଯେମିତି ଶ୍ୟାମ ବାବୁ ସ୍ତ୍ରୀ ନୀଳିମା ଓ ପିଲାମାନଙ୍କୁ ଭଡ଼ା ଘରେ ଛାଡ଼ି ଦେଇ ଚାକିରି ଜାଗାକୁ ଚାଲିଗଲେ, ଦୁଇ ତିନି ବର୍ଷ ଧରି ଆଉ ଆସନ୍ତିନି । ଭାରି କଷ୍ଟ ରେ ନୀଳିମା ଦେବୀ ଓ ପିଲାମାନେ ଚଳନ୍ତି । କେଉଁଠି କାନ୍ଥରୁ ପାଣି ପଡ଼ିଲାଣି ତ କେଉଁଠି ଉଇ ଚରି ଲୁଗାପଟା ନଷ୍ଟ ହେଲାଣି କେଉଁଠି କବାଟ ଫାଙ୍କ ଦେଇ ଚୁଚୁନ୍ଦ୍ରା କି ମୂଷା ପଶିଲେଣି ତ କେଉଁଠି ସାପ । ଏମିତି ସବୁ ସମସ୍ୟା ଭିତରେ ମଝିରେ ମଝିରେ ଘର ମାଲିକାଣୀ ଆସି ତାଗିଦ୍ କରେ ଏଇଟା ଏମିତି କାହିଁକି ହେଲା ସେଇଟା ସେମିତି କାହିଁକି ହେଲା ! ନୀଳିମା ଦେବୀ କ'ଣ ଆଉ କହିବେ ଚୁପ୍ ଚାପ୍ ତାଙ୍କ କଥା ଶୁଣି ନିରବ ରହନ୍ତି,ଚକିଏ ଗଡ଼ିଲେ ବାରହାତ ତେଣୁ ସହି ଗଲେ କ'ଣ ବା ଅସୁବିଧା ହୋଇଯିବ ! ଅବଶ୍ୟ ପୁଅକୁ ବହୁତ ବାଧେ ସେ ମାଲିକାଣୀ ସହିତ ଯୁକ୍ତି କରିବାକୁ ବାହାରିଲା ବେଳକୁ ନୀଳିମା ଦେବୀ ତୁନି ହୋଇ ରହିବାକୁ କହନ୍ତି ।

'ସଂସାର ମଝିରେ ଘର କରିଥିଲେ ପଥର ପଡ଼ିଲେ ସହି '।ଯେତେ ଦିନ ଯାଏ ରହିବେ ସବୁ ସହି ଚଳିବା ପାଇଁ ପଡ଼ିବ । ପାଟିତୁଣ୍ଡ କଲେ ଲୋକେ କ'ଣ କହିବେ !ନୀଳିମା ଦେବୀ ଏତିକି ମାତ୍ର କରିପାରନ୍ତି--ନିଜ ଭାଗ୍ୟକୁ ନିନ୍ଦନ୍ତି ଆଉ ମନେ ମନେ ସ୍ୱାମୀ ଙ୍କୁ ଦୁଇ ଚାରି ପଦ କ'ଣ ଶୁଣେଇ ଦିଅନ୍ତି ଯେ ହେଲେ ସେ ଭାଷା ସ୍ୱାମୀ ଙ୍କୁ ଶୁଭେ ନା ପିଲାମାନଙ୍କୁ ! ସଂସାର ରଥ ଗଡ଼ି ଚାଲେ ଭଡ଼ା ଘରର ରୀତିନୀତି ଅନୁସାରେ।

ଗୋଟିଏ ବର୍ଷ ରହିବା ପରେ ସାମ୍ନା ଘର ଲୋକ ତାଙ୍କ ନୂଆ ଘର କରିବା ବାହାନାରେ ନୀଳିମା ଦେବୀ ରହୁଥିବା ଘର ଆଗ ରାସ୍ତାରେ ବାଲି,ଇଟା,ଚିପ୍ସ ସବୁ ଆଣି ଗଦା କରି ଅପରିଷ୍କାର କଲେ ।ନୀଳିମା ଦେବୀ ଘର ମାଲିକଙ୍କୁ ଡାକି କହିଲେ, ତାଙ୍କୁ ଯିବା ଆସିବା କରିବାପାଇଁ ଅସୁବିଧା ହେଉଛି ତେଣୁ ସେ ଲୋକ ଙ୍କୁ କହି ଘର ସାମ୍ନା ସଫା ରଖିବାକୁ ହେଲେ ମାଲିକ ହଁ କହିବି,କହି ଆଉ ଧରା ଛୁଆଁ ଦେଲାନି । ଅନେକ ଦିନ ଯିବା ପରେ ବହୁତ ଅସୁବିଧାର ସମ୍ମୁଖୀନ ହେବାରୁ ନଳୀନି ଦେବୀ ନିଜ ତରଫରୁ ସେ ଲୋକ ଙ୍କୁ ଡାକି କହିଲେ ଯେ ଟିକେ ସାଇଡ୍ କରି ଜିନିଷ ରଖିଲେ ଭଲ ହୁଅନ୍ତା । ଆମକୁ ଚଳିବା ପାଇଁ ଅସୁବିଧା ହେଉଛି। ଏତିକି କଥାରେ ମହାଭାରତ ସୃଷ୍ଟି ହୋଇଗଲା। ସାମ୍ନା ଲୋକ ର ସମ୍ମାନ ହାନି ହେଉଛି ବୋଲି କହି ଯାହା ମନକୁ ଆସିଲା ଭାଷା ଅଭାଷା ରେ ଗାଳିଗୁଲଜ କରି ଘର ମାଲିକ କୁ ଡାକି ଭଡ଼ାଟିଆ ଙ୍କୁ ଏଠୁ ଉଠେଇ ଦିଅ ନ'ହେଲେ କିଛି ଭଲ ହେବ ନାହିଁ ବୋଲି ଧମକ ଦେଇ ଦେଲା।

ଝଗଡ଼ା ସବୁବେଳେ ଲାଗି ରହିଲା। ଅଶାନ୍ତି ଭିତରେ ଦିନ ବିତିଲା। ୧୦/୧୫ ଦିନ ଯିବା ପରେ ନୀଳିମା ଦେବୀ ଓ ପିଲାମାନେ ଖାଇବାକୁ ବସିଥାନ୍ତି ପ୍ରାୟ ଦିନ ଗୋଟିଏ ବାଜି ଥାଏ , ସେହି ସମୟରେ ଘର ମାଲିକାଣୀ ଓ ତାଙ୍କ ଶାଶୁ ଆସି ପହଁଚିଲେ ଏବଂ ଗୋଟିଏ ମାସ ଭିତରେ ଘର ଖୋଜି ଘର ଖାଲି କରିଦେବା ପାଇଁ କହି ଚାଲିଗଲେ। ନୀଳିମା ଦେବୀ ଙ୍କୁ ବହୁତ ଖରାପ ଲାଗୁଥାଏ ହେଲେ କ'ଣ କରିବେ! ଯେତେ ବୁଝେଇ କହିଲେ ବି ଆଉ ହେଲା ନାହିଁ। ସ୍ୱଳ୍ପ ଅର୍ଥ ଭିତରେ ଘର ବା କାହୁଁ ମିଳୁଛି ! ତଥାପି ୨୦/୨୫ ଟି ଘର ଦେଖିସାରି ଯଦି ବା ଘର ଟିଏ ପାଇଲେ ସେଠି ବିଶେଷ ସୁବିଧା ନଥିଲା କିନ୍ତୁ ରହିବାକୁ ବାଧ ।ବାପ ରାଣ ଢିଙ୍କି ଗିଳିବା ପରି ଅନିଚ୍ଛା ସତ୍ତ୍ୱେ ଘର ଖାଲି କରି ଅନ୍ୟତ୍ର ଚାଲି ଗଲେ। ଗୋଟିଏ ଘରୁ ଅନ୍ୟ ଘରକୁ ଯିବା ପୁଣି ସେଠି ଯାଇ ନିଜକୁ ଖାପ ଖୁଆଇ ଚଳିବା ଯେ କେତେ କଷ୍ଟ ତା କେବଳ ଭଡ଼ାଟିଆ ହିଁ ଜାଣେ ।

ଏଇ ନିକଟରେ ଜଣେ ଅବସରପ୍ରାପ୍ତ ଶିକ୍ଷା ବିଭାଗର ଅଧିକାରୀ ଙ୍କ ସହିତ କଥା ହେଉ ହେଉ ଘର ପ୍ରସଂଗରେ କଥା ପଡ଼ିବାରୁ ସେ କହିଲେ, ମାଡାମ ମୁଁ ଏ ଯାଏ ଘର କରି ନାହିଁ । ଆଜ କୁ ପ୍ରାୟ ୧୫ ବର୍ଷ ହେଲାଣି ମୁଁ ଗୋଟେ ଘର ଭଡ଼ା ନେଇ ରହୁଛି । ମୁଁ ପଚାରିଲି କାହିଁକି ସାର୍ କ'ଣ ପାଇଁ ଭଡ଼ା ରେ ରହୁଛନ୍ତି! ସେ କହିଲେ ଘର କ'ଣ ହେବ ପିଲାମାନେ ତ ସବୁ ବାହା ସା' ହୋଇ ଯିଏ ଯୁଆଡ଼ ରହିଲେ । ଘର କଥା କିଏ ବୁଝିବ ଏମିତି ଆମେ ଦୁଇ ପ୍ରାଣୀ ଭଲରେ ଅଛୁ । କେବେ କେବେ ପିଲାମାନେ ଆସି ବୁଝନ୍ତି ଆଉ କେତେବେଳେ ଘର ମାଲିକ ସବୁ ବୁଝି ଦିଅନ୍ତି । ବହୁତ ଭଦ୍ରବ୍ୟକ୍ତି ଆମ ମାଲିକ । ତେଣୁ ଜୀବନରେ ଆଉ ଅଛି କ'ଣ ଏମିତି ଜୀବନ ସରିଲେ ସରିଲା । ମୁଁ କିଛି ସମୟ ପାଇଁ ଅବାକ୍ ହୋଇ ତାଙ୍କ କଥା ଶୁଣୁଥିଲି ତା'ପରେ କହିଲି ହଁ ସେୟା ନୁହେଁ ତ ଆଉ କ'ଣ !

ଭଡ଼ା ଘରେ କିଏ ଜୀବନ ବିତାଇ ଦେଉଛି ବିନା ଦ୍ୱିଧାରେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଉ କିଏ ବାର ଓଳି ଶୁଣ୍ଡିପିଣ୍ଡା ହେଉଛି ଯାଯାବର ପରି। ସତରେ ସମୟ ବେଳେ ବେଳେ ମଣିଷକୁ ଯାଯାବର ଜୀବନ ଜିଇଁବାକୁ ବାଧ କରିଥାଏ ନୁହେଁ!!

ସମ୍ପାଦିକା - 'ଭଞ୍ଜଦୀପ'
ଫୋନ-୮୯୧୭୫୭୧୨୦୨

# ଏଣୁତେଣୁ ବାକବିତଣ୍ଡା !


ରାଧାଶ୍ୟାମ ରାଉଳ

ନିଜକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ନିୟମିତ ପ୍ରାତଃଭ୍ରମଣ କରିବା ଏକ ଭଲ ଅଭ୍ୟାସ ।

ସେଇ ନ୍ୟାୟରେ ଜନୈକ ବୟସ୍କ ଭଦ୍ରବ୍ୟକ୍ତି ସହରର ଉପାନ୍ତ ରାସ୍ତାରେ ପ୍ରାତଃଭ୍ରମଣ କରୁଥିଲେ । ତେବେ ଭ୍ରମଣରେ ଥାଇ ତାଙ୍କୁ ପରିସ୍ରା ଲାଗିବାରୁ ସେ ଏକ ସୁଉଚ୍ଚ ପ୍ରାସାଦର ପାଚେରୀ ଉହାଡରେ ଉକ୍ତ ଜରୁରୀ କାର୍ଯ୍ୟ ସମ୍ପନ୍ନ କରିବାକୁ ଅଗ୍ରସର ହେବାମାତ୍ରକେ ପାଚେରୀ ଭିତରପଟେ ବଗିଚାର ଫୁଲଗଛରେ ପାଣିସିଞ୍ଚନ କରୁଥିବା ମାଳୀ ଏମନ୍ତ ଅପ୍ରୀତିକର ଦୃଶ୍ୟକୁ ଦେଖି ଖୁବ୍ ଜୋରରେ ଚିଲ୍ଲେଇଲା, 'ହୋ ବାବୁ, ଇଆଡ଼ ? ଇଆଡ଼ ? ! କି ଅଭଦ୍ର ଲୋକ କିହୋ ? ଇରେ ପରିସ୍ରା କରିବାକୁ ଆଉ କେଉଁଠି ଜେଗା ପାଇଲ ନାହିଁ, ଏଇ ଘର ଆଗରେ ତୁମର ଅସମ୍ଭାଳ ହୋଇ ପଡ଼ିଲା !'

ମାଳୀର ଏମନ୍ତ ଅତର୍କିତ ରଡ଼ି ଶୁଣି ବୟସ୍କ ବାବୁ ଜଣକ ଉକ୍ତ ଜରୁରୀକାର୍ଯ୍ୟ ସମ୍ପନ୍ନରୁ ବିଶେଷ ଭାବରେ ବଞ୍ଚିତ ହେଲେ । ଅତଃପର ବ୍ୟତିବ୍ୟସ୍ତ ହୋଇ ସେ ଆହିସ୍ତାଆହିସ୍ତା ଆଗକୁ ବଢିବାର ଉପକ୍ରମ କଲେ ସତ ହେଲେ ମାଳୀର ନନଷ୍ଟପ୍ ଗାଳି ('ହୁଁ ଟିକେହେଲେ ବି ଅକଲ ନାହିଁ । ତୁମ ଘର ଆଗରେ ଆଉ କେହି ପରିସ୍ରା କଲେ ଭଲକିନା ହେଜିବ ହେଲା । ଆରେ ସ୍ୱଷ୍ଟ ଦିବାଲୋକରେ କଣ ଦେଖିପାରୁନ, ଅନ୍ଧ କି ହୋ; ଏଇଟା ଜଣେ ଭଦ୍ରଲୋକଙ୍କ ଘର ସାମ୍ନାପଟ ବୋଲି ?')କୁ ସେ ଆଉ ବରଦାସ୍ତ କରିପାରିଲେ ନାହିଁ । ମାଳୀର ଗାଳି ତାଙ୍କ ଦେହରେ ବରଚ୍ଛାମାଡ଼ କଲା । ତାଙ୍କ ମୁଣ୍ଡକୁ ସାଏଁକିନା ପିତ୍ତ ଚଢ଼ିଗଲା ।

ଫାଟକ ସାମ୍ନାରେ ଅଟକି ଯାଇ ସେ ମାଳୀର ଔଦ୍ଧତ୍ୟକୁ ଖୋଲାଖୋଲି ଚ୍ୟାଲେଞ୍ଜ କରି କହିଲେ, ' ଆବେ ଚୁପ୍, ବହୁତ୍ ବକୁଛୁ ନାଇଁ । ତୁ କହିବାରୁ ମୁଁ ଅଟକି ଗଲି । ପୁଣି କାହିଁକି ଏତେ ପ୍ରଳାପ କରୁଛୁ, ହାଁ ?' ମାଳୀ କିନ୍ତୁ ନଛୋଡବନ୍ଧା । ସେ ଗାଳିର ନୂଆ ଭର୍ସନ ଯୋଡ଼ିଲା , 'ଆହା ରାଧା ଦେହରେ ବାଧା ଲାଗିଗଲା ନାଇଁ ? ମଫସଲରୁ ଆସିଛ ତ, ନିହାତି ମଫୁ କୋଉଁଠିକାର ? ଅଜଣା ଚାଉଳର ଭାତ ଖାଇଛ ତ ଜାଣି ପାରୁନ, କେଉଁ ଜାଗାରେ ପରିସ୍ରା କରିବା କଥା ! ସହରୀ ଗାଳି ଦିହରେ ବାଜିଲେ ଠିକ୍ ସାଇଜକୁ ଆସିଯିବ, ବୁଝିଲ !'

ଫାଟକ ଭିତରପଟେ ମାଳୀ, ବାହାରପଟେ ବୟସ୍କ ବାବୁ ହେଣ୍ଟାଳ ଛାଡୁଥାନ୍ତି, ରଣହୁଙ୍କାର ଦେଉଥାନ୍ତି, ' ଭିତରେ କଣ ତୋଡ ଦେଖାଉଛୁ ବେ ! ଆ, ହିମ୍ମତ ଅଛି ତ ବାହାରକୁ ବାହାରି ଆ । ଶଃ ଦୁଇ ଗାଲରେ ଦୁଇ ଥପ୍ପଡ଼ ବସିଗଲେ ଛାଆଁକୁଛାଆଁ ଚୈତନ୍ୟ ଉଦୟ ହୋଇଯିବ; କାହାକୁ କେଉଁଭଳି କଥା କୁହାଯାଏ, ଶିଖିଯିବ ! ଆବେ ଇଡିଅଟ୍, ତୁ ଜାଣିଛୁ ମୁଁ କିଏ ?'

ସେବେଳରେ ମୁଁ ମଧ ପ୍ରାତଃ ଭ୍ରମଣରେ ଥାଇ ଅନତିଦୂର ରାସ୍ତାରେ ଚଳମାନ ଥିଲି । ବୟସ୍କ ମହାଶୟ ଓ ମାଳୀ ମଧ୍ୟରେ ଚାଲିଥିବା ଟକାଟକି ବାଦିପାଲା, ଯୁକ୍ତିତର୍କ ଓ ଉତ୍ତେଜିତ ଅଙ୍ଗଭଙ୍ଗୀକୁ ଅତି ନିକଟରୁ ପ୍ରତ୍ୟକ୍ଷ କରି ଘଟଣାସ୍ଥଳରେ ପହଞ୍ଚି କିଛିକ୍ଷଣ ମୁଁ ଅଟକିଯିବାରୁ ତୃତୀୟପକ୍ଷର ଉପସ୍ଥିତି ଜାଣିପାରି ମାଳୀ ଆଉ ଯୁକ୍ତି ଆଗକୁ ନବଢେଇ ଆପାତତଃ ସେଇଠି ସେ ଅଟକିଗଲା । ବୟସ୍କ ମହାଶୟ ମଧ କିଛି ମାତ୍ରାରେ ଶାନ୍ତ ହୋଇଯାଇ ଆଗକୁ ବଢ଼ିଲେ । ମୁଁ ମନେମନେ ଭାବୁଥିଲି; ଭୁଲ୍ କାହାର ? ବୟସ୍କ ବାବୁଙ୍କର ନା ମାଳୀର ? ମାଳୀର ରଡ଼ି ଶୁଣି ବୟସ୍କବାବୁ ସତର୍କ ହୋଇଗଲେ । ତାପରେ ବି ମାଳୀର ଗାଳି ବନ୍ଦ ହେଲାନାହିଁ । ଯାହାକି ବୟସ୍କବାବୁଙ୍କ ସ୍ୱାଭିମାନ ଓ ଆବେଗକୁ ଢେର୍ ଆଘାତ ଦେବା ଓ ସେଥିପାଇଁ ସେ ପ୍ରତିକ୍ରିୟାଶୀଳ ହେବା ସ୍ୱାଭାବିକ କଥା । ଅବଶ୍ୟ ବେଳେବେଳେ ଏମିତି ବି ହୁଏ କୌଣସି ଯୁକ୍ତିସଙ୍ଗତ କାରଣ କି ଭିତ୍ତ ନଥାଇ, ଘଟଣା ଦୁର୍ଘଟଣା, ସମ୍ବାଦ ବିସମ୍ବାଦ କି ଦୁଃସମ୍ବାଦର ରୂପ ନେଇଯାଇପରେ ! ପ୍ରାତଃଭ୍ରମଣର ମହତ୍ ଉଦ୍ଦେଶ୍ୟ;ଶରୀରରେ ସ୍ୱାଭାବିକ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇ ଅସ୍ୱାଭାବିକ କି ଦ୍ରୁତ ରକ୍ତସଞ୍ଚାଳନ ଯାନୀ ଉର୍ଦ୍ଧ ରକ୍ତଚାପ ଆଡ଼କୁ ଗତି କରିପାରେ ! ସେଇଠୁ କଣ ନା କଣ ଘଟି ଯାଇପାରେ ! ହେ ପ୍ରଭୁ, ରକ୍ଷାକର !

ଡ୍ୟୁପ୍ଲେକ୍ସ: ୧୦/ ବି
ବୀମାବିହର, ମର୍କତନଗର
ସେକ୍ଟର:୬
କଟକ: ୭୫୩୦୧୪
ମୋ : ୯୪୩୭୦୯୦୯୮୫

## କୂଳ ଲଂଘା ନାରୀ

ଜଗଜ୍ଜୀବନ ସା



ଯୌବନ ବସନ୍ତରେ
ପଲସା ଫୁଲ ଓ ଅମ୍ର ବାସନାରେ
ଭ୍ରମର ମନ ମୋ ଗୁଣୁଗୁଣୁ
ଚୁମ୍ବନ ଲାଳସାରେ
ଆତୁର ଚାତକ ପକ୍ଷୀ ପରି
କାମନାର ଶୋଷ
ମେଣ୍ଟେଇବାକୁ
ଏ କୂଳ ନଈ ପାଣି
ସେ କୂଳ ପାରି ହୁଏ
ହେଲେ
ବଢ଼ି ପାଣିରେ କୂଳ ଡେଇଁ ଗଲା ପରେ
କଳଙ୍କର ଚିହ୍ନ ଲାଗି ଯାଏ
ସେ ଆଉ ଫେରି ପାରେ ନି
କି କଳଙ୍କର ନିନ୍ଦା ଅପମାନ
ସହିପାରେ ନାଇ
ଖାଲି
ପ୍ରେମ ନାଁରେ ବଦନାମ ପାଏ ।
କୂଳ ଲଂଘି ନାରୀ
ଶ୍ମଶାନ ମାଟିରେ ମିଶିଯାଏ
ହେଲେ
ତା ପତି ଚାଷୀ ଆତ୍ମହତ୍ୟା କରେ
ସେପଟେ ପ୍ରେମ ନିଶାରେ
ଯୁତୁବୁଡୁ ତ
ଏପଟେ ଚାଷୀ ପରିବାରରେ
ପିଲା ଛୁଆର
ଲୁହ ଦେଖି
ସଦାବେଳେ ଭାବେ
ମୁଁ କୂଳ ଲଙ୍ଘି ନ ଥିଲେ
ଭଲ ହୋଇ ଥାନ୍ତା
କିନ୍ତୁ
କିଛି ଲାଭ ହୁଏ ନି
ପ୍ରେମର କାମନା ନିଶାରେ
ବାଟ ବଣା ହୋଇଯାଏ ।

କୁମ୍ଭାରି, ଗୋଲାମୁଣ୍ଡା
କଳାହାଣ୍ଡି (ଓଡ଼ିଶା)
ମୋ- ୮୦୧୮୫୩୭୨୮୮

## ବର୍ଷା

ସ୍ମୃତି ଦାସ

କେମିତିକା ବହେ ନଈ
ଏଠି ଅଛି ସେଠି ନାହିଁ
ଆବେଗ ଏ ଭରା ନଈ
କେତେ ଗୀତ ଗାଇ ବୋହି
ଯାଏ ସାଗର ସଂଗମ ପାଇଁ
ସେଠି ପରା ବର୍ଷା ନାହିଁ
ତାତି ଭରା ବେଳା ଭୂଇଁ
ବାଷ୍ପାୟିତ ଚରାଭୂଇଁ
ଦୂରେ ନଭେ ଯାଏ ଛୁଇଁ
ଭାବ ସଂଗେ ଆବେଗ
ତେବେ ଯାଇ ଅନୁରାଗ
ଅନୁସରେ ଧିରେଧିରେ
ଧୂମ୍ରାୟିତ ଧୂମ୍ରାଭ ସେ
ଗିରିଶୃଙ୍ଗେ ପରାଭବେ
ପରମ ସଂଗମ
ତେବେ ସିନା ଆସେ ବର୍ଷା
ଝରି ଝରି ତନୁ ମନ ଶିହରଇ
କେମିତିକା ବହେ ନଈ .... !

ବାଲେଶ୍ୱର

## ନୂଆ ବାସ୍ନାରେ ଶତାବ୍ଦୀ ହାର ମାନିଲା

ଡୁଇଟ ଡେଭିଡ ଫିଲିପ୍

ଧର୍ମରେ ହିଂସା,
ସ୍ତନରେ ଯୁରିଆ,
ମଣିଷର ସ୍ୱାଧୀନତା,
ବିଜ୍ଞାନର ପ୍ରବିଣତା,
ଇଶ୍ୱର ଓ ଭୁତ ଏହି ଶତାବ୍ଦୀରେ
ହାର ମାନିଗଲା ।
ଅଭାବରେ ଉଲଙ୍ଗ,
ପ୍ରାଚୁର୍ଯ୍ୟତାରେ ନଗ୍ନ,
ଆଧିକ୍ୟତାରେ ମିଲିୟନ,
ଦାରିଦ୍ରତାରେ ଶୂନ ।
କୁକୁର ବେଲ୍ଟ, ରେଙ୍କ, ସମ୍ମାନ,
ଅବୁଝା, ପାଇଲା,
ସହରେ କୋଟିପତି ବାବା,
ବୁଝିବା ଲୋକ ଗାଁ ଗାଁରେ ଲଙ୍ଗଳା,
ସରକାରୀ ଭିକ୍ଷା
ବୁଲା କୁକୁରଙ୍କ ଯତ୍ନ ନେବା ଆଶ୍ରମ,
ବାବା ଆଦେଶେ ଖୋଲା,
ନୂଆ ବାସ୍ନାରେ ' କୁକୁର ' ଖାଇଲା,
ଶତାବ୍ଦୀ ହାର ମାନିଲା ।

ଚାଇବସା, ଝାଡ଼ଖଣ୍ଡ
ଫୋନ-୯୪୩୭୧୦୪୩୦୩

## ଆସ ଥରେ ହଜିଯିବା...

ଲୋପାମୁଦ୍ରା ଜେନା



ଦେ... ଉଛି
ମହୁ ପଡୁଅଛି ଝରି !
ଫଗୁଣ ଡାଳିଲା ରଙ୍ଗର ଅବିର
ରାଧା ମନ ହେଲା ଚୋରି !!
ଦେଖ ସେ ସୁନାରି ଫୁଲକୁ କେମିତି
ସୁନାପରି ଝଟକଇ !
ଚୋରା ଚଇତାଳି ଖେଳେ ଲୁଚକାଳି
ମନେ ପ୍ରୀତି ଭରିଦେଇ !!
ଦେଖ ସେ ପଳାଶ ରଙ୍ଗର ବତାଶ
ଧରି ଝୁଲେ ଡାଳପ'ରେ !
ନାଲି ଗୁଲୁଗୁଲୁ ଦେହଟି ତାହାର
ଆଖି ଜମାରୁ ନ' ଫେରେ !!
ଦେଖ ସେ ମଲ୍ଲୀକୁ କେମିତି ହସୁଛି
ଗୋଧୂଳିରେ ବାସ ବିଞ୍ଚି !
ଦେଖ ସେ ଗୋଲାପ ମଥା ହଲାଉଛି
ପାଖୁଡାରେ ପ୍ରୀତି ସଞ୍ଚି !!
ଦେଖ ସେ ଶିମିଳି ଖେଳୁଅଛି ଦୋଳି
ଚୋରା ଚଇତାଳି ସାଥେ !
ତୋଳି ହେଉ ନାହିଁ ହାତ ପାଉ ନାହିଁ
ଦୂରଦେଶୀ ପ୍ରିୟା ସତେ !!
ଦେଖ କୃଷ୍ଣଚୂଡ଼ା ଜଳେ ଦାଉ ଦାଉ
ନିଦାଘକୁ ପିଇ ପିଇ !
ଏତେ ଖରାରେ ସେ ନୟାଏ ଝାଉଁଳି
ତା' ପ୍ରିୟକୁ ଆକର୍ଷଇ !!
ଦେଖ ସେ ବଉଦ କେମିତି ଧାଉଁଛି
ଆକାଶର ଅଗଣାରେ !
ମିଟି ମିଟି ତାରା ଆଖି ମାରୁଛନ୍ତି
ସରଗ ସୁଷମା ଭରେ !!
ଦେଖ ସେ ନଈକୁ ହେଉଛି ଫୁଲେଇ
କଳ କଳ ଗୀତ ଗାଇ !
ଦେଖ ସେ କୁଆଁରା ଜହ୍ନକୁ କେମିତି
ମାଛପରି ପହଁରଇ !!
ଦେଖ ସେ ଗଛକୁ ପତ୍ର ଗହଳିକୁ
ଦିଶୁଅଛି ଆଖି ଦୁଇ !
ବାଦୁଆ ଜହ୍ନଟି କେମିତି ଚାହୁଁଛି
ଗହଳି ଭିତରୁ ଥାଇ !!
ଦେଖ ସେ ଝରଣା କେମିତି ଝରୁଛି
ଛଳଛଳ ଯଉବନେ !
ଉଛୁଳି ଉଛୁଳି ବହି ଯାଉଛି ସେ
ସ୍ୱଚ୍ଛଭାବ ଧରି ମନେ !!
ଇଛା ହୁଏ ଆଜି ପ୍ରକୃତିର କୋଳେ
ଝୁମି ଝୁମି ନାଚିବାକୁ !
ଝରଣାର ଘର ପାହାଡ ଶିଖର
ବୁଲିବୁଲି ଖୋଜିବାକୁ !!
ପିଲାଦିନ ତା'ର କେମିତି କଟିଛି
ପାହାଡ ଛାଡିରୁ ଝରି !
ଆସ ଥରେ ଆମେ ହଜିଯିବା ପ୍ରୀୟ
ଅରଣ୍ୟକୁ ପ୍ରେମ କରି !!

## ବିଷର୍ଣ୍ଣ ମନ

ସୁଧାକର ରାଉତ



ସଜାଡି ରଖି ସ୍ୱପ୍ନ ମାନଙ୍କୁ
ଆଶାର ରଙ୍ଗରେ
ବୁଣିବାକୁ ଥିଲା
ଇଚ୍ଛାର ଖୋଲା ଅଗଣାରେ ।
ସ୍ନେହର ବର୍ଷା କେଉଁଠୁ ପାଇ
ନିର୍ଜୀବ ବୀଜଙ୍କୁ
ସଜୀବ କରି
ଅଙ୍କୁରୋଦଗ ର ଆଶା
ରହିଲା ଆଶାରେ ।
କମଦିନ ଆୟୁଷ ଥିବା
ରଙ୍ଗୀନ ପ୍ରଜାପତି ପରି
ଫୁଲ ପରେ ଫୁଲ
ଉପରେ ବସି
ପୁଣି ଖୋଜିଲି ରେଣୁ ମାନଙ୍କୁ ।
କେହିଜଣେ ତାଙ୍କ ହୃଦୟ ମାପ ଦଣ୍ଡରେ
ମାପିବାର ଧୃଷ୍ଟତା ଦେଖାଇଲେନି
ମୋ ହୃଦ ଗଭୀରତା ମାପିବାକୁ ।
ମୁଁ ଯେତେ ପରିପୂରକ ହେଲେବି
ତାଙ୍କ ଅଭିଳାଷକୁ ତଥାସ୍ତୁ କରିବାରେ
ସନ୍ଦେହର କୁହୁଡ଼ିକୁ
ଠେଲି ପାରିଲିନି ଦୂରକୁ ।
ମୋର ଭଗ୍ନ ଆକାଙ୍କ୍ଷାକୁ
ପୁଣି ସଜାଡିବାକୁ
ମୋ ମରୁଭୂମିରେ
ମରୁଦ୍ୟାନଟିଏ ହେବାକୁ
ମୋ ବଞ୍ଚିବାର ପାଥେୟ
ଭାବେ ରହିବାକୁ
ନିରବତାର ମୂର୍ଚ୍ଛନା
ଅନ୍ଧାରରେ ଲୁଚିଗଲା
ପ୍ରତିଧ୍ୱନୀ ତୋଳିବାକୁ ।
ଏବେତ ଅସରା କ୍ଲାନ୍ତି
ପ୍ରାଣାନ୍ତକ ଗ୍ଲାନି ଓ କ୍ଷୋଭ
ଆଉ କେତେ ଅସରନ୍ତି ଭ୍ରାନ୍ତି ।
ପତ୍ର ସବୁ ସ୍ଥିର
ନିଥର ଅଧର
ସ୍ମୃତିର ଉର୍ମିମାଳା
ଯାହା କରୁଛି ଅସ୍ଥିର ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ନଈ

କବି କେଶବ ଚନ୍ଦ୍ର ନାୟକ



ପାହାଡରୁ ଜନ୍ମ ତୋର
ବରଷା ତୋ ଭରସା....
କେବେ ପୁଣି ବନ୍ୟା ରଚୁ
କେବେ ହରୁ ପିପାସା...!!
ବର୍ଷା କାଳେ ପାଉ ପ୍ରାଣ
କଲ୍ଲୋଳିତ ସଲିଳ...
ଗ୍ରୀଷ୍ମେ ତୋର ମୃତ୍ୟୁ ଘଟେ
ଅପଘନ ନିଷ୍ଫଳ.....!!
ତୋ ବକ୍ଷରେ କେବେ ଚାଲେ
ନାବିକର ନଉକା......
ଭରା ନଈ ନିଏ ପ୍ରାଣ
ଚିତ୍ତ-ଭୟ-ଆଶଙ୍କା...!!
ଶୁଷ୍କ ହେଲେ ଜଳ ରାଶି
କୂଳେ ପଡେ ନଉକା......
ଜଳଥିଲେ ନାବ କ୍ରୀଡା
ପୀଡା ହରେ ନାୟିକା....!!
ଶୀତ ଦିନେ ନଈ ନୀର
ସ୍ୱଚ୍ଛ-କାଚ-ମୁକୁର.......
ଜହ୍ନ ଜ୍ୟୋସ୍ନା ପଡିଥିଲେ
ଲାଗେ କେଡେ ସୁନ୍ଦର...!!
ସେ ନଈରେ ସୁନା ଗୋରୀ
ଶୁଦ୍ଧ ସ୍ନାନ କରଇ......
ଭିଜା ଭିଜା ଦୁକୁଳରେ
ମନ ପ୍ରାଣ ହରଇ......!!
କୋମଳ ବାଲୁକା ରାଶି
ପୁଷ୍ପ ? ପାଦ ଥାପଇ.....
କମଳ ପୟରେ ବାଧା
ଉପନ୍ନ ନ ହୁଅଇ....!!
ନଈରେ ମୀନ ଖେଳିଲେ
ବକ ମନ ଆନନ୍ଦ.....
ଧ୍ୟାନ ମଗ୍ନେ ଧରେ ମୀନ
ନଥାଏଟି ବିପଦ....!!
ନଈ ପାଣି ଡେଣ୍ଡି ଚାଷୀ
ଉପୁଜାଏ ଫସଲ.....
ନଈ ସିନା ଦୁନିଆରେ
ଉପକାରୀ ଅମୂଲ....!!
ଶୁଖେ ଯେବେ ନଈଟିଏ
ଜନ ଶୂନ୍ୟେ ତା' ତଟ....
ଜଳ ଶୂନ୍ୟେ ହାହାକାର
ଅକାଳ କ୍ ସଂକଟ....!!

(ସଭାପତି,ଉତ୍କଳ ସାହିତ୍ୟ ସଂସଦ,ମାଲକାନଗିରି)
ମୋନଂ:୯୪୩୭୭୭୯୪୪୭

## ମାଆକୁ ଦେଲୁ ହରାଇ

ସୁନୀଲ କୁମାର ପ୍ରଧାନ



ମାଆର ହୃଦୟ ସରଗଠୁ ବଡ଼
ମମତାମୟୀ ଜନନୀ
ମାଆ ତ ନଥିଲେ ଜୀବନ ଅନ୍ଧାର
ଅଟେ ଅମୃତ ଦାୟିନୀ ।
ଜୀବନ୍ତ ଘଟଣା କରୁଛି ବୟାନ
ତିଥି ଆଉ କାହ୍ନାଙ୍କର
ପ୍ରେମ ଓ ପ୍ରିତମ ହରାଇ ଅଛନ୍ତି
ମାଆଙ୍କୁ ସତେ ତାଙ୍କର ।
ଏହି ଚାରିଜଣ ବହୁତ ଯେ ଛୋଟ
ଅଳପ ଅଟେ ବୟସ
ମାଆ ଯେ ତାଙ୍କର ଛାଡ଼ି ଚାଲିଗଲେ
ମନରେ ନାହିଁ ହରଷ ।
ପ୍ରେମ ର ମାଆଙ୍କୁ କ୍ୟାନ୍ସର ହୋଇଲା
ଛାଡ଼ିଦେଲେ ସେ ଦୁନିଆ
ତିଥିର ମାଆ ଯେ ଆତ୍ମହତ୍ୟା କଲେ
ଆସିଲା ଦୁଃଖ ବନିଆ ।
ଦୁଇ ଗୋଟି ମାଆ ଛାଡ଼ି ଚାଲିଗଲେ
ଦୁଃଖ ଭାଇ ଅସରନ୍ତି
ବାତ୍ସଲ୍ୟ ମମତା ଏଇଠି ସରିଲା
ପିଲାଏ ମାଁଙ୍କୁ ଖୋଜନ୍ତି ।
ମାଆ ଚାଲିଗଲେ ଦାୟିତ୍ୱ ସରଇ
କିଏ ବା ଦେବ ସେ ସୁଖ
ଖାଇ ନଥିଲେ ସେ ଖୁଆଇ ଦେବରେ
ଦାଣ୍ଡରେ ପଡ଼ଇ ଡାକ ।
ଖେଳିବାକୁ ପିଲା ଯାଇଥିବ ଯଦି
ମାଁ ବସିଥାଏ ଦୁଆରେ
ଫେରିବା ବାଟକୁ ଜଗି ରହିଥାଏ
ଆତୁର ହୋଇ ମନରେ ।
ଅଶ୍ୱିନ ଭାଇନା କଲେ ନିବେଦନ
ଘଟଣାକୁ ବର୍ଣ୍ଣିବାକୁ
ଯାହା ଜାଣିଥିଲି ଲେଖିଦେଇଗଲି
ସତ୍ୟ ଘଟଣା ଏ ସବୁ ।

ଝଟିପଦର, ପାଲୁର,ଗଞ୍ଜାମ
ମୋ -୭୬୦୯୯୩୪୩୬୬

## ଆଭିଜାତ୍ୟର ଧୋତି

ଅନସୂୟା ପଣ୍ଡା



ସୂକ୍ଷ୍ମ ଚେତନା ଭିତରେ
ହଜିଯାଇଛି ଧୋତି
ପରିଚୟର ପରିପୂଷ୍ଟ ସୃଜନୀ ହେଇ
ସୃଷ୍ଟିକର୍ତ୍ତାଙ୍କ ପୀତାମ୍ବରୀ
ଯେଉଁଥିରେ ନୀଳ ପ୍ରେମ
ଗୋଲାପି ଜୀବନ
ଉତୁରି ଉଠୁଛି ବିଭୋର ତରଙ୍ଗ ହେଇ।

ମୁନି ଋଷିଙ୍କ ଗୈରିକ ଧୋତିରେ
ନିଃସ୍ୱାର୍ଥ ନିଷ୍ଠା ଅକ୍ଷୁର୍ଣ୍ଣ
ସ୍ୱସ୍ତିବାଚକ ଚିହ୍ନ ହେଇ
ଜଗତ ମଙ୍ଗଳର ଆବାହନୀ ମନ୍ତ୍ର ଗାଇ
ସଂସ୍କୃତିକି ସାଉଁଟି ଧରିଛି
ନିରବଛିନ୍ନ ସାଧନାର ବାର୍ତ୍ତାବହ ହେଇ
ଡିଆରିଛି ସନାତନ ଧର୍ମର
ଜୈତ୍ର ଧ୍ୱଜା।

ମାଟି ମଞ୍ଚରେ ଧୋତି
ଆବୋରିଛି ଜୀବନ ରାସ୍ତାକୁ
ପିତୃତ୍ୱର ପରିଚୟ ହେଇ
ଉଦାରତାର କଳ୍ପବୃକ୍ଷ ପରି
ଠିଆ ହେଇଥାନ୍ତି ଖରା ପିଠିଏ ଖାଇ।

କେବେ ଆଶ୍ୱାସନାର ଆଲୁଅ ଜଳେଇ
ଅନ୍ଧାରକୁ ଗିଳିଯାଆନ୍ତି ନୀରବରେ
କେବେ ବିଶ୍ୱାସର ପାଚେରିରେ
ଢାଙ୍କି ଦେଉଥିଲେ
ବିଡମ୍ବିତ ମୂହୂର୍ତ୍ତମାନଙ୍କୁ।

ଧୋତିର ଦେହରୁଇଁ
ପରମ୍ପରା ମହକୁଥିଲା
ଚାଦରର ଚାରି ଭାଙ୍ଗରେ
ଆଭିଜାତ୍ୟ ଲଟେଇ ଥିଲା
ବଂଶ ମର୍ଯ୍ୟାଦା ହେଇ।

ଗାଁ ମୁଣ୍ଡ ଝଙ୍କା ବର ମୂଳେ
ଦୁଇପାଦେ ଜୀବନ ପାଇଁ
ଯେବେ ନିଃଶାପ ବସୁଥିଲା
କଠୋର ନ୍ୟାୟାଧୀଶ ପରି
ଜେଜେବାପା ନ୍ୟାୟ ଶୁଣୋଉଥିଲେ।

ବିବାହର ଶୁଭ ଶଙ୍ଖରେ ଧୋତି ଲୋଡା
ବନ୍ଧା ହେବାକୁ ଦୁଇ ଆତ୍ମା ବିଶ୍ୱାସର
ଗଇଁଠାଳିରେ
ମଖମଲ୍ଲୀ ଧୋତି ଦେହରେ ଝଲସୁଥାଏ
ଆତ୍ମଗୋପନରେ ଅଭିସାରର ଅଭିସନ୍ଧି
ଗୁଣୁଗୁଣୁ ଗୁମୁରୁ ଥାଏ
ଦୁଇଟି ମନ ଭିତରେ ।

ମଶାଣୀର ମହାତୀର୍ଥରେ
ଧୋତିଟିଏ ଖୁବ ଲୋଡା ଶେଷକୃତ୍ୟରେ
ଧୋତି ଏବେବି ସାଇତା
ପେଡି ଭିତରେ
ଅସ୍ତ ଅତୀତର ପ୍ରାଚୁର୍ଯ୍ୟରେ ଲଥପଥ
କିଛି ସାମାଜିକ ସଂକଳ୍ପବଦ୍ଧତାରେ
କିଛି ପରିବାରର
ଅଭଙ୍ଗ ଆଭିଜାତ୍ୟରେ
କିଛି ମାନସ ମନ୍ଥନର ମନସ୍ତତ୍ତ୍ୱରେ ?

ବୁର୍ଲା, ସମ୍ବଲପୁର
ଫୋନ:-୯୪୩୯୨୧୧୯୭୧

## ଶେଷ ମୁହୂର୍ତ୍ତ

ଅନନ୍ୟା ପଣ୍ଡା



ଥୁଣ୍ଟା ଡାଳଟିଏ
ନା ଅଛି ତା ସହ ପତ୍ର ସମୂହ
ନା ଅଛି ତାର ସେ ଭରା
ସବୁଜ ଯୌବନ
ସମୟର ଗତାନୁଗତିକତା ଭିତରେ
ସେ ଯେ ଆସି ପହଞ୍ଚି ଯାଇଛି
ସେଇ ସମୟ ପାଖରେ
ଯେଉଁଠାରେ ଅଛି ବାସ୍ ଅପେକ୍ଷା
ସେଇ ଅପେକ୍ଷା ଏକ ଧ୍ୱଂସାବଶେଷର
ବାସ୍ ଅଗ୍ନିରେ ଦାହ ହେବା ନିମନ୍ତେ
ନାଲି ଓଢଣା ଟାଣି ଅଗ୍ନି ତାକୁ
କରିବ କୋଳାଗ୍ରତ
ଲାଜରେ ହେଉ ଅବା ଅନୁତପ୍ତରେ ସେ
ବିଲୀନ ହେବ ଅଗ୍ନି ସହ
ତାପରେ କିଛି ମୁଠା ପାଉଁଶ ।
ଦୂରରେ ଥାଇ ଦେଖୁଥିବେ
ଗଛରେ ଲାଗିଥିବା
ଅନ୍ୟ ସବୁଜ ଡାଳମାନେ
ସେମାନଙ୍କ ଭବିଷ୍ୟତକୁ
ନିଜ ଅଜାଣତରେ ।

ଆନନ୍ଦପୁର, କେଉଁଝର
ଫୋନ-୬୩୭୦୫୮୦୬୨୩

## ନିଃସଙ୍ଗ ଗତିପଥ

ସିଲୁ ଦଳେଇ



ଭାରି ନିଃସଙ୍ଗ ଏ ଗତି ପଥ
କେଡ଼ ନିଃସଙ୍ଗ ଏ ଗତି ପଥ.....
ଚାଲୁଛି ଚାଲିବି ଜଳୁଥିବା ଯାଏ
ଜୀବନ ପ୍ରଦୀପ ଶିଖା
ଜାଣି ନାହିଁ ମୁହିଁ କେତେ ବାଟ ଆଉ
ଚାଲିବାକୁ ହେବ ଏକା....
ମୋର ନିଃସଙ୍ଗ ଏ ଭାଗ୍ୟ ରେଖା ।(୧)
ମୃଦୁ ବସନ୍ତର ମଳୟ ପରଷ
ହୃଦକୁ କରଇ ତୃପ୍ତ
କେଉଁ ବୈଶାଖର ଅସହ୍ୟ ବେଦନା
ମନେ ଜାଳି ପୋଡ଼ି କରେ ହତ.....
ମୁଁ ଯେ ନିଃସଙ୍ଗ ମଣିଷ ସତ ।(୨)
ଏଇ ମନ ତାକୁ କେତେ ଯେ ବୋଲିଛି
ସାରା ବିଶ୍ୱ ଅଟେ କଣ୍ଟକିତ
ଏଇ ମନ ତାକୁ କେତେ ପଚାରିଛି
ଚାଲି ପାରିବୁ ଏ କଷ୍ଟ ପଥ....
ଭାରି ନିଃସଙ୍ଗ ଏ ଗତି ପଥ ।(୩)
ବନେ ଉପବନେ ଭରିଛି ସୁଗନ୍ଧ
ମଧୁ ଭରା ପୁଷ୍ପ ଗାନ
ତୁ କାହୁଁ ବୁଝିବୁ ଫୁଟି ବାସିବାରେ
କେତେ ଜନ୍ତ୍ରଣା ସହେ ସୁମନ....
ଅତି ନିଃସଙ୍ଗ ଏ ମଧୁକାନନ ।(୪)
ଘୋଟିଗଲେ ମେଘ ଉଡ଼ିବୁଲେ ପକ୍ଷୀ
ଅଣ୍ଡାଳି ଆପଣା ଗୃହ
ବତାସ ଝଡ଼ିରେ ନ ପାଇ ସାଥୀକୁ
ଜାଗି ଉଠେ ତାର କୋହୋ...
ସତେ ନିଃସଙ୍ଗ ତୋର ଏ ଦେହ ।(୫)
କଳ କଳ ହୋଇ ଝରଣା ଗାଉଛି
ସଙ୍ଗୀତର ସପ୍ତ ସ୍ୱର
ସଙ୍ଗୀ ହେବା ପାଇଁ କେହି ନାହିଁ ତା'ର
ବହିଯାଏ ନିରନ୍ତର.....
ଏହି ନିଃସଙ୍ଗ ଜୀବନ ତୋର ।(୬)
କେହି ନୋହେଁ ତୋର ହୋଇବେ ନାହିଁରେ
ଗତି ତୋର ମାତ୍ର ଏକା
ଜୀବନ ସଂଗ୍ରାମେ ଆଗେଇ ଚାଲରେ
ରଥ ରଥି ତୁହି ସର୍ବ ଏକା.....
ଏଠି ନିଃସଙ୍ଗ ଜୀବନ ଫିକା ।(୭)
କର୍ମେ ତତ୍ପର ହୁଅରେ ଜୀବନ
ନ ଚାଖି ଫଳର ସ୍ୱାଦ
ଆପଣେ ଆପଣା ଯଦି ନ ଜାଗିବ
କେ କରିବ ପ୍ରତିବାଦ.....
ତୁହି ନିଃସଙ୍ଗେ ହୋଇବୁ ସ୍ତବ୍ଧ ।(୮)
ତାରକା ପୁଞ୍ଜଙ୍କୁ ସଙ୍ଗେ ଘେନି ଇନ୍ଦୁ
ରାତ୍ରେ ଦେଉଛି ଆଲୋକ ଆଭା
ଏକାକୀ ଭାସ୍କର ତା'ଠାରୁ ଉଜ୍ଜ୍ୱଳ
କ୍ଷୀତି ତା'ର ଏ ଜଗତେ ଶୋଭା....
ତୁହିଁ ନିଃସଙ୍ଗ ପଥରେ ଉଭା ।(୯)
ନୀରିହ ଶିଶୁର କୋମଳ କ୍ରନ୍ଦନ
ସତେକି ବୁଝଇ ଧାତ୍ରୀ
ସନ୍ତାନ ନିମନ୍ତେ ଏକା ସେ ଜନନୀ
ପାଲଟିଛି ଅଭିନେତ୍ରୀ.....
ତୁ ଯେ ନିଃସଙ୍ଗ ପଥର ଯାତ୍ରୀ ।(୧୦)
ଜନମିବା କାଳେ ଏକା ତୁ ଅଇଲୁ
ବାହୁଡ଼ିବୁ ଏକା ଏକା
ମରଣ ଦୁଆରୁ ପାଛୋଟି ନେବାକୁ
କେହି ନାହିଁ ତୋର ସଖା.....
ନିଜ ଶରୀର ନିଃସଙ୍ଗ ସାଖା ।(୧୧)
ଚାଲିଗଲେ ଥରେ ପିଣ୍ଡରୁ ପରାଣ
ଜନେ ଓଗାଳିବେ ବହୁ ମତ
ନ ବୁଝିବେ କେହି ମଣିଷ ଜୀବନେ
କେତେ ନିଃସଙ୍ଗ ତା' ଗତି ପଥ....
କେତେ ନିଃସଙ୍ଗ ତା' ଗତିପଥ ? (୧୨)

ଯୋଡୁମୁଁ, ବଡ଼ମ୍ବା, କଟକ
ଫୋ-୮୪୫୭୦୦୩୦୮୪

## ସମାନ୍ତରାଳ

ନିରଞ୍ଜନ ସାହୁ



ମୋ ମନର କଥା ମୋର ନିରବତା
ତୁମକୁ ଲାଗେନା ଭଲ
ତୁମ ହାବଭାବ ତୁମ ଢଙ୍ଗଢାଙ୍ଗ
ମୋତେ କରେ କଲବଲ ।
ସମାନ୍ତର ଭାବେ ଜୀବନର ରେଖା
ଯଦି ଚାଲିପାରେ ନାହିଁ
ରେଖା ପରସ୍ପର ଛେଦନ ହୋଇଲେ
ବଞ୍ଚିବା ସହଜ କାହିଁ
ଜୀବନ ଲାଗଇ ବଡ଼ ଅସହଣୀ
ବଞ୍ଚି ଥାଉଥାଉ ମଲ ।
ବିପରୀତମୁଖୀ ଦୁଇ ରଶ୍ମୀ କେବେ
ଏକାଠି ହୋଇ ନ ପାରେ
ଏକ ଚକେ ରଥ ଗଡୁଥିଲା ଏବେ
ଦୁଇ ଚକ ହୋଇ ହାରେ
ଏମିତି ହୋଇଲେ କେମିତି ହୋଇବ
ମୋତେ ଟିକେ ବୁଝେଇଲ ।

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩




## ଗେଙ୍ଗୁଟିଆ ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଅନୟିମିତତା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କମାଗଡ ପଂଚାୟତ ଗେଙ୍ଗୁଟିଆ ପାନୀୟ ଜଳ ପ୍ରକଳ୍ପରେ ଅନିୟମିତତା ହୋଇଥିବା ନେଇ ଲୋକାୟୁକ୍ତରେ ଅଭିଯୋଗ ପରେ ବିଭଗୀୟ ୩ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ସୂଚନା ମୁତାବକ କମାଗଡ ପଂଚାୟତ ଗେଙ୍ଗୁଟିଆଠାରେ ଡିଏମଏଫରୁ ୭୭ ଲକ୍ଷ ୫୭ ହଜାର ବ୍ୟୟରେ ଚଣ୍ଡିଖୋଲ ଆରଡବ୍ଲୁଏସଏସ ତରଫରୁ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରଯାଇଥିଲା । ଏହି କାର୍ଯ୍ୟ ୨୦୧୯ ମସିହା ଏପ୍ରିଲ ମାସରେ ଶେଷ ହୋଇଥିବା ନେଇ କାଗଜପତ୍ରରେ ଦର୍ଶାଯାଇଥିଲା । ବିଭାଗ ପକ୍ଷରୁ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଯାଇଥିଲେ ମଧ୍ୟ ଲୋକେ କିନ୍ତୁ ପାଣି ପାଇବାରୁ ବଂଚିତ ହୋଇଥିଲେ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ହେଁ ଲୋକେ ପାଣି ଟୋପାଏ ପାଇବାରୁ ବଂଚିତ ହେବା ଘଟଣା ଜଣାପଡିବା ପରେ ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ସୂଚନା ଅଧିକାର ଆଇନ ବଳରେ ଚଣ୍ଡିଖୋଲସ୍ଥିତ ଆରଡବ୍ଲ୍ୟୁଏସଏସ କାର୍ଯ୍ୟାଳୟରୁ ତଥ୍ୟ ମାଗିଥିଲେ । ତେବେ ଏଠାରେ ଠିକାଦାର ଆବଶ୍ୟକତାଠାରୁ କମ୍ ଟଙ୍କା ଖର୍ଚ୍ଚ କରି ଲୋକଙ୍କ ପାଖରେ ପାଣି ନ ପହଂଚାଇ ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତୁରା କରି ବିଲ ଟଙ୍କା ଉଠାଇ ନେଇଥିଲେ । ଏହି ଘଟଣା ଜଣାପଡିବା ପରେ ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରିଆ ଲୋକାୟୁକ୍ତ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଲୋକାୟୁକ୍ତ ଏହି ଘଟଣାର ତଦନ୍ତ ପାଇଁ ଏକ ଟିମ୍‌କୁ ସେଠାକୁ ପଠାଇଥିଲେ। । ଲୋକୟୁକ୍ତଙ୍କ ଟିମ ଗେଙ୍ଗୁଟିଆ ପାନୀୟ ଜଳ ପ୍ରକଳ୍ପଠାରେ ପହଁଚି ଏହାର ତଦନ୍ତ କରିବା ସହ ଆରଡବ୍ଲ୍ୟୁଏସଏସ କାର୍ଯ୍ୟାଳୟରେ ପହଁଚି ତଦନ୍ତ କରିଥିଲେ ଏବଂ ସବିଶେଷ ତଥ୍ୟ ଲୋକାୟୁକ୍ତଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଏଠାରେ ଏକ ବଡଧରଣର ଦୁର୍ନୀତି ହୋଇଥିବା ଲୋକାୟୁକ୍ତ ଅନୁଭବ କରିବା ସହିତ ତତ୍‌କାଳିନ ଚଣ୍ଡିଖୋଲ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅମୀୟ କୁମାର ପରିଡା, ତତ୍‌କାଳିନ ସହକାରୀ ଯନ୍ତ୍ରୀ ସୁକ୍ରା ସଏ ଓ ଡିଭିଜନର ତତକାଳିନ ଆକାଉଂଟାଂଟ ଲାଲକ୍ରିଷ୍ଣା ବସ୍ତିଆଙ୍କୁ ଲୋକାୟୁକ୍ତରେ ହାଜିର ହୋଇ କାରଣ ଦର୍ଶାଇବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି, ଯାହାକୁ ନେଇ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ଅଜଣା ଗାଡି ଧକ୍କାରେ ମୋପେଡ ଅରୋହୀ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଗାନ୍ଧି ଛକଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୋପେଡ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ମୁତାବକ ନୟାଗଡ ଅଂଚଳର ଫେରି ବ୍ୟବସାୟୀ ଚିତରଂଜନ ମଲିକ (୫୧) ଚଣ୍ଡିଖୋଲ ଅଂଚଳରେ ରହି ଫେରି ବ୍ୟବସାୟ କରନ୍ତି । ଗତକାଲି ସେ ନିଜର ମୋପେଡ ନଂ ଏମପି-୩୪-ଏମଏମ-୦୨୬୫ ଗାଡିରେ ଫେରି ଜିନିଷ ବୋଝେଇ କରି ବିକ୍ରି କରିବାକୁ ଯାଇଥିବା ବେଳେ ଗାନ୍ଧି ଛକଠାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀମାନେ ସେଠାରେ ପହଁଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଡଚଣା ମେଡିକାଲରେ ଭର୍ତି କରିଥିଲେ। ତେବେ ତାଙ୍କର ଗୋଡ ଭାଙ୍ଗିଯାଇଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

## ଶ୍ରୀକ୍ଷେତ୍ରରୁ ତୁଳସୀ କ୍ଷେତ୍ରକୁ ଆସିଲା ପାଟଶାଢୀ



କେନ୍ଦ୍ରାପଡ଼ା (ପିଏନ୍): ପ୍ରତିବର୍ଷପରି ଚଳିତବର୍ଷ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଖରୁ ତୁଳସୀକ୍ଷେତ୍ରାଧିପତି ବଡଭାଇ ଶ୍ରୀବଳଦେବଜୀଉଙ୍କ ମନ୍ଦିରକୁ ତିନିଖଣ୍ଡ ପାଟଶାଢୀ ଆସିଛି । ଶ୍ରୀକ୍ଷେତ୍ରରୁ ସ୍ୱତନ୍ତ୍ର ପଦାଧିକାରୀ ସରୋଜ କୁମାର ରାଏ, ନାଜିର ବିମଳ କୁମାର ତାମିଲା ଓ ଡିଇଓ ସତ୍ୟନାରାୟଣ ପାତ୍ର ପ୍ରଭୁ ଶ୍ରୀ ବଳଦେବଜୀଉ, ଭଉଣୀ ମା' ସୁଭଦ୍ରା ଓ ଅନୁଜ ଶ୍ରୀଜଗନ୍ନଥଙ୍କ ପାଇଁ ତିନିଖଣ୍ଡ ପାଟଶାଢୀ ଆଣି ଶ୍ରୀ ବଳଦେବ ଜୀଉଙ୍କ ଦେବୋତ୍ତର କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସନ୍ଧ୍ୟା ଆଳତୀ ପରେ ଏହି ତିନିଖଣ୍ଡ ପାଟଶାଢୀକୁ ନେଇ ଡିଇଓ ଶ୍ରୀ ପାତ୍ର ଶ୍ରୀ ଜୀଉଙ୍କ ବଡଦେଉଳରେ ମନ୍ଦିରର ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀଙ୍କୁ ପ୍ରଦାନ କରିଥିଲେ । ଶ୍ରୀ ଜୀଉଙ୍କ ଦେବୋତ୍ତର କାର୍ଯ୍ୟାଳୟ ଠାରୁ ଏକ ରୂପାଥାଳିରେ ପାଟଶାଢିକୁ ସୁସଜ୍ଜିତ କରି ରଖାଯାଇ ପାରମ୍ପରିକ ଭାବେ କୀର୍ତ୍ତନ ମଣ୍ଡଳୀ, ଘଣ୍ଟ, ଘଣ୍ଟା ଓ ଶଙ୍ଖ ଧ୍ୱନି ସହ ଆଧ୍ୟାତ୍ମିକ ପରିବେଶରେ ପଟୁଆରରେ ଶ୍ରୀ ଜୀଉଙ୍କ ବଡଦେଉଳ ମଧ୍ୟକୁ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦେବୋତ୍ତର ନ୍ୟାସ ମଣ୍ଡଳୀ ସଭ୍ୟ ବଳରାମ ସୁଆର, ରଞ୍ଜନ କୁମାର ପୃଷ୍ଟି, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ପୂର୍ବତନ ପୌରାଧ୍ୟକ୍ଷ ଧିରେନ କୁମାର ସାହୁ, ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀ ଏବଂ ଅନ୍ୟ ସେବାୟତମାନେ ଉପସ୍ଥିତ ଥିଲେ । ପୁରାଣ ଅନୁଯାୟୀ ଦ୍ୱାପର ଯୁଗରେ ବଡଭାଇ ବଳରାମ ଓ ସାନଭାଇ ଶ୍ରୀକୃଷ୍ଣ(ଜଗନ୍ନାଥ)ଗୋପାଳ ବାଳକମାନଙ୍କ ସହିତ ଖେଳୁଥିବା ସମୟରେ କଂସ ମହାରାଜଙ୍କ ଦ୍ୱାରା ପ୍ରେରିତ ପ୍ରଳମ୍ବା ନାମକ ଦୁର୍ଦ୍ଦାନ୍ତ ଅସୁର ଚକ୍ରାନ୍ତ କରି ବଳରାମଙ୍କୁ କାନ୍ଧରେ ବସାଇ ମାରିଦେବାକୁ ନେଉଥିଲା । ମାତ୍ର ବଳରାମ ଏହାକୁ ଜାଣିପାରି ଅସୁର ପ୍ରଳମ୍ବା ମୁଣ୍ଡରେ ପ୍ରଚଣ୍ଡ ମୁଷ୍ଟି ଆଘାତ କରି ତାକୁ ସଂହାର କରିଥିଲେ । ଅସୁର ମରିବା ଦେଖି ଅତି ଆନନ୍ଦିତ ହୋଇ ସାନଭାଇ ଶ୍ରୀକୃଷ୍ଣ ଜ୍ୟେଷ୍ଠଭ୍ରାତା ବଳରାମଙ୍କ ମସ୍ତକରେ ନିଜ ପାଟ ଉତ୍ତରୀୟ ବାନ୍ଧି ଦେଇଥିଲେ । ଏହି ପରମ୍ପରା ପୌରାଣିକ କଥାକୁ ନେଇ ସାନଭାଇ ଜଗନ୍ନାଥ (ଶ୍ରୀକୃଷ୍ଣ) ପ୍ରତିବର୍ଷ ଘନନୀଳ, ପୀତ ଓ ରକ୍ତ ବର୍ଣ୍ଣର ପାଟ ପ୍ରଳମ୍ବାସୁର ବଧ ବେଶପାଇଁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତିଙ୍କ ପାଖକୁ ପଠାଇଥାନ୍ତି । କାର୍ତ୍ତିକ ମାସଏକାଦଶୀ (ଶୁକ୍ଳ ପକ୍ଷ) ଦିନ ମହାପ୍ରଭୁ ଶ୍ରୀ ବଳଦେବ ଏହି ପାଟ ପିନ୍ଧି ପ୍ରଳମ୍ବାସୁର ବଧ ବେଶରେ ସଜ୍ଜିତ ହୋଇଥାନ୍ତି ।

## ସ୍ଥାୟୀ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚ୍ଚରୀ ସଂଘର ଦାବିପତ୍ର

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚ୍ଚରୀ ସଂଘର ଏକ ବୈଠକ ସାଧାରଣ ସମ୍ପାଦକ ସୁଧୀର କୁମାର ସେଠୀଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ଆଇଜି ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ୫୨ଟି ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚ୍ଚରୀ ଯୋଗ ଦେଇଥିଲେ। ବୈଠକପରେ ୫୨ଟି ସ୍ୱତନ୍ତ୍ର ବିଦ୍ୟାଳୟରୁ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ନିୟମିତଭାବେ ଦରମା ପ୍ରଦାନ କରିବା ଏବଂ କର୍ମଚ୍ଚରୀଙ୍କ ଚ୍ଚକିରି ନିୟମିତ କରି ସରକାରୀ ମାନ୍ୟତା ଦେବା ଆଦି ୭ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ମୁଖ୍ୟ ପରାମର୍ଶଦାତା ପ୍ରଦ୍ୟୁମ୍ନ କୁମାର ଦାଶ, ସଭାପତି ସୁଶାନ୍ତ କୁମାର ମଲ୍ଲିକ, ରାଜ୍ୟ ସଂଯୋଜକ ବାନାମ୍ବର ନାୟକ, ସଂଘ ସମୀକ୍ଷକ ସଚ୍ଚିଦାନନ୍ଦ ବେହେରାଙ୍କ ସମେତ ପ୍ରତ୍ୟେକ ଜିଲାର ଜିଲା ସଂଯୋଜକଙ୍କ ସମେତ ୩୦୦ କର୍ମଚ୍ଚରୀ ଯୋଗ ଦେଇଥିଲେ। ଉକ୍ତ ଦାବି ପ୍ରତି ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ ଗୁରୁତ୍ୱ ଦେବେ ବୋଲି ସଂଘ ଆଶାବାଦୀ ଥିବା ସାଧାରଣ ସମ୍ପାଦକ ସେଠୀ ପ୍ରକାଶ କରିଛନ୍ତି।

## ଜିଲ୍ଲା ଅଧ୍ୟକ୍ଷାଙ୍କ ଜାରକା ଇନରହୁଇଲ କ୍ଲବ ପରିଦର୍ଶନ ଓ ଅସ୍ମିତା ଉନ୍ମୋଚିତ



ଧର୍ମଶାଳା (ପିଏନ୍): ସମାଜକୁ ସଠିକ ମାର୍ଗରେ ପରିଚାଳିତ କରିବା ଦିଗରେ ମହିଳାମାନଙ୍କର ଗୁରୁ ଦାୟିତ୍ୱ ରହିଛି । ସେବା ଓ ସଚେତନତା କରିବା ଦିଗରେ ଇନରହ୍ୱିଲ କ୍ଲବ ଜାରକା ସଦସ୍ୟାଙ୍କ ଭୂମିକାରେ ସନ୍ତୋଷ ପ୍ରକାଶ କରି ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ଟି. ଚିରିଭି ଅଫିସିଆଲ ଭିଜିଟରେ ଆସି ମତପ୍ରକଶ କରିଥିଲେ । ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଗତକାଲି ସନ୍ଧ୍ୟାରେ ଜାରକା ଇନରହୁଇଲ କ୍ଲବ ପକ୍ଷରୁ ଆୟୋଜିତ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇନରହୁଇଲର ସଦସ୍ୟା ଅରୁଣାରଶ୍ମୀ ସମଲଙ୍କ ସମ୍ପାଦନାରେ କ୍ଲବର ମୁଖପତ୍ର 'ଅସ୍ମିତା' ପତ୍ରିକାକୁ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ଉନ୍ମୋଚନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବର ସଭାପତି ଶୁଭଲକ୍ଷ୍ମୀ କର ସ୍ୱାଗତ ଭାଷଣ ଦେବା ସହ ଅଧ୍ୟକ୍ଷତା କରିଥିଲେ । ସମ୍ପାଦିକା ବିଶ୍ୱମିତ୍ରା ସାହୁ କ୍ଲବର କାର୍ଯ୍ୟାବଳି ବିବରଣୀ ପାଠ କରିଥିଲେ । ଆଇ.ପି.ପି. ରଶ୍ମିତା ନାୟକ ସୂଚନା ଦେଇଥିବା ବେଳେ ପୂର୍ବତନ ସମ୍ପାଦିକା ଅର୍ଚ୍ଚନା ସ୍ୱାଇଁ, ଡ. ଇନ୍ଦୁପ୍ରଭା ସାମଲ, ଉପାସନା ଶତପଥୀ ମଂଚାସୀନ ଥିଲେ । ଚାର୍ଟର ସଭାପତି ମିନତୀ ସାହୁ ଇନରହୁଇଲ ପ୍ରାର୍ଥନା ଗାନ କରିଥିଲେ। ପି.ପି ମାଧୁରୀ ଶତପଥୀ, ସକୁନ୍ତଳା ମହାନ୍ତି, କଳ୍ପନା ପରିଡା, ପ୍ରତିଭା ସାହୁ ଓ ଲୋପାମୁଦ୍ରା ଷଣ୍ଢ, କଳ୍ପନା ନାୟକ, ପ୍ରଭାତ ନଳିନି ସାହୁ, ସରୋଜିନୀ ପଣ୍ଡା, ନିରୁପମା ସ୍ୱାଇଁ, କାଦମ୍ବିନୀ ମିଶ୍ର, ଅଜନ୍ତା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ଓ ପିଡିସି ନଳିନିପ୍ରଭା ମହାପାତ୍ରଙ୍କୁ କ୍ଲବ ପକ୍ଷରୁ ବୁଦ୍ଧମୂର୍ତି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରି ସଭାପତି ପ୍ରମୋଦ କୁମାର ସାମଲ, ସମ୍ପାଦକ ଶୁକାନ୍ତ ସ୍ୱାଇଁ, ପି.ପି. ପ୍ରଦୀପ କୁମାର ବରାଳ, ଡା. ବିଜୟ କୁମାର ଶତପଥୀ, ଅଜାମ୍ବର ସାହୁ, ନିରଂଜନ ପାଣିଗ୍ରାହୀ, ରୋଟାରୀ କ୍ଲବର ଆଗାମୀ ସଭାପତି ଇଂ. ବିପିନ ଷଢଙ୍ଗୀ, ଇନ୍ଦ୍ରମଣି ନାୟକ, ବିନୋଦ ପରିଡା ଓ କଳାକର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଉପ-ସଭାନେତ୍ରୀ ଉପାସନା ଶତପଥୀ ଧନ୍ୟବାଦ ଦେଇଥିଲେ।

## ଆଧାର ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

ଜୟପୁର, (ପି.ଏନ): ଜିଲ୍ଲା ପ୍ରଶାସନ କୋରାପୁଟର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଉପ-ବିଭାଗ ଆନୁକୂଲ୍ୟରେ ଆଧାର ସଂମ୍ପର୍କିତ ଜିଲ୍ଲା ସ୍ତରୀୟ କର୍ମଶାଳା କୋରାପୁଟ ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ଜଡ଼ିତ ଥିବା ଯୋଗ୍ୟ ହିତାଧିକାରୀମାନଙ୍କ ଆଧାର ସଂଶୋଧନ, ସଂଯୋଗୀକରଣ ଏବଂ ଅଧୁନାତନ କରିବା ତଥା ଅଧୁନାତନ ସମୟରେ ଉପୁଜୁଥିବା ସମସ୍ୟା ଗୁଡିକର ସମାଧନ କରିବା ।ଏହି କର୍ମଶାଳାରେ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାର ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ଆଧାର ଅପରେଟରମାନଙ୍କୁ ଆଧାର ସମ୍ବନ୍ଧୀୟ ସମସ୍ୟା ଗୁଡିକୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସୌମ୍ୟ ରଞ୍ଜନ ସିଂ, ଅତିରିକ୍ତ ପରିଚାଳକ, ଆଧାର-ଭାରତ ସରକାର, ମନୋଜ କୁମାର ଦାଶ, ଡି.ଇ.ଜି.ଏମ୍, କୋରାପୁଟ ଉପସ୍ଥିତ ରହି ଜିଲ୍ଲାର ସମସ୍ତ ଆଧାର ଅପରେଟର୍ ଏବଂ ଜିଲ୍ଲାର ସମସ୍ତ ବ୍ଲକସ୍ତରୀୟ ଅଧିକାରୀଙ୍କୁ ପିପିଟି ମାଧ୍ୟମରେ ଆଧାର ସମ୍ବନ୍ଧୀୟ ସମସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ଏମ୍.ଆଇ, ଏ.ପି.ଓ, ସି.ଡି.ପି.ଓ ଏବଂ ଆଧାର ଅପରେଟର ଯୋଗଦାନ କରିଥିଲେ । ସିମାଚଂଳ ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ, କୋରାପୁଟ, ଦିଲିପ କୁମାର ହିଆଲ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଆହାନା ବୈଦ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଉପ-ବିଭାଗର କର୍ମକର୍ତାମାନେ ଏହି କର୍ମଶାଳାର ଆୟୋଜନ ଓ ସୁପରିଚାଳନା କରିଥିଲେ ।

## ମାଡପିଟ ଘଟଣାରେ ଦୁଇଜଣ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ଗ୍ରାମରେ ଦୁଇଟି ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ କବାଟବନ୍ଧ ଗ୍ରାମର ଅକ୍ଷୟ ବେହେରା ଓ ବଳରାମ ବାଇଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ଘଟିଥିଲା । ଏଥିରେ ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଏହାକୁ ନେଇ ଉଭୟଙ୍କ ପତ୍ନୀ କାମଦେବ ବାଇ ଓ ମୁଲତା ବେହେରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ୨୯୬/୨୨ ଓ ୨୯୭/୨୨ରେ ଦୁଇଟି କେଶ ରୁଜୁ କରି ତଦନ୍ତ କରି ଅକ୍ଷୟ ବେହେରା ଓ ବଳରାମ ବାଇଙ୍କୁ ଗିରଫ କରିବା ସହ ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଶାଳା (ପିଏନ୍): ଜେନାପୁର ଥାନା ମର୍ଜିତାପୁର ପଞ୍ଚାୟତ ଚମ୍ପିତ୍ରାପାଟଣା ଗ୍ରାମର କେଳୁ ଚରଣ ପ୍ରଧାନଙ୍କ ପୁଅ ସୁଶାନ୍ତ (୨୧)ଙ୍କର ଝୁଲନ୍ତା ମୃତଦେହ ଗତକାଲି ଉଦ୍ଧାର ହୋଇଛି । କୌଣସି କାରଣକୁ ନେଇ ସେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ । ସଂଧ୍ୟାରେ ପରିବାର ଲୋକ ତାଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଏ ସଂପର୍କରେ ଅଭିଯୋଗ ହୋଇନଥିବା ଆଇଆଇସି ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

### ଧାନଜମିରେ ଟଳି ପଡ଼ିଲେ ଚାଷୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଚୋରମୁହାଁ ପଞ୍ଚାୟତ ନାଉପାଳ ଗ୍ରାମର ଚାଷୀ ଭୀମସେନ ରାଉତ( ୫୩)ଙ୍କର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ମଧ୍ୟାହ୍ନରେ ସେ ଗାଁ ନିକଟ ଧାନଜମିକୁ କାମ କରିବା ପାଇଁ ଯାଇଥିଲେ । ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ଯାଇ ଦେଖନ୍ତି ତ' ସେ ଧାନଜମିରେ ଥିବା ପାଣିରେ ପଡ଼ିଛନ୍ତି । ତୁରନ୍ତ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୁଲିସ୍ ମୃତଦେହକୁ ଜବତ କରିଛି । ମୃତ୍ୟୁର କାରଣ ସ୍ପଷ୍ଟ ହେଉନଥିବାରୁ ଶବ ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଡାକ୍ତରଖାନାକୁ ପଠାଯିବ ବୋଲି ଜଣାପଡ଼ିଛି ।

## ଖୋର୍ଦ୍ଧା ରୋଟାରୀ କ୍ଲବର ମହନୀୟତା

ଖୋର୍ଦ୍ଧା (ପିଏନ୍): ଦୁର୍ଘଟଣାରେ ଆହତ ହୋଇ ଖୋର୍ଦ୍ଧା ମେଡିକାଲକୁ ଚିକିତ୍ସା ପାଇଁ ଆସିଥିବା ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ପରେ ମୃତଦେହକୁ ପୁଲିସ ସେଠାରୁ ଜବତ କରିଥିବାବେଳେ ଗତକାଲି ତାଙ୍କର ଶବକୁ ରୋଟାରୀ କ୍ଲବ ସଦସ୍ୟଙ୍କ ଦ୍ୱାରା ସତ୍କାର କରାଯାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ, ଗତ ୨୬ ତାରିଖରେ ଭୋର ସମୟରେ ଜଟଣୀ-ଡେଲାଙ୍ଗ ସଂଯୋଗୀକରଣ ରାସ୍ତା ପାର୍ଶ୍ୱରୁ ଜନୈକ ବ୍ୟକ୍ତିଙ୍କୁ ମୁମୂର୍ଷୁ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତି କରିଥିଲେ । ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଥିଲେ । ତେବେ ଉକ୍ତ ବ୍ୟକ୍ତିଙ୍କର ପରିଚୟ ମିଳିନଥିବାରୁ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ମେଡିକାଲ ଶବଗୃହରେ ତାଙ୍କ ଶବକୁ ସୁରକ୍ଷିତ ଭାବେ ୫ଦିନ ରଖିଲା ପରେ ରବିବାର ତାଙ୍କ ଶବ ବ୍ୟବଚ୍ଛେଦ କରାଇ ପୁଣି ଦୁଇଦିନ ପାଇଁ ଫ୍ରିଜରରେ ରଖିଥିଲେ । ଏ ସମ୍ପର୍କରେ ପୁଲିସ ଉକ୍ତ ବ୍ୟକ୍ତିଙ୍କ ଫଟୋକୁ ବିଭିନ୍ନ ଥାନା ଓ ସୋସିଆଲ ମିଡିଆରେ ଛାଡିଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା । ତେଣୁ ଶେଷରେ ତାଙ୍କ ଶବର ସତ୍କାର ଲାଗି ପୁଲିସ ଯୋଜନା କରୁଥିବାବେଳେ ଖୋର୍ଦ୍ଧା ରୋଟାରୀ କ୍ଲବର ସଦସ୍ୟମାନେ ଏନେଇ ଆଗକୁ ଆସିଥିଲେ । କ୍ଲବର ସଭାପତି ତଥା ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି (ଟିଟନ), ସମ୍ପାଦକ ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ (ଦାଉ), ଶବ୍ୟସାଚୀ ଚକ୍ରବର୍ତୀ (ପିଂଟୁ), ସଞ୍ଜୟ ବର୍ମନ (ମିଲୁ), ରୋଟାରିଆନ୍ ଦେବପ୍ରସାଦ ମଜୁମଦାର, କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟ/ସଦସ୍ୟାମାନେ ଆଦର୍ଶଥାନା ଅଧିକାରୀ ତାରିକ ଅହମ୍ମଦ, ଏସଆଇ ପଦ୍ମଲୋଚନ ବେହେରା, ତଦନ୍ତକାରୀ ଅଧିକାରୀ ମନୋଜ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ବ୍ୟକ୍ତିଙ୍କ ଶବକୁ ସତ୍କାର କରିଥିବା ଜଣାଯାଇଛି । ପ୍ରକାଶ ଥାଉକି, ସପ୍ତାହ ମଧ୍ୟରେ ଦୁଇଟି ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କରିଥିବା କ୍ଲବ ସଦସ୍ୟଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।




ଭିଜିଲାନ୍ସ ସଚେତନତା ସପ୍ତାହ ଉପଲକ୍ଷେ ସୁବଳ ମହାରଣାଙ୍କ ବାଲୁକା କଳା ।




# ୱାର୍ଲଡ୍ ଓଡ଼ିଶା ସୋସାଇଟିର ଛତିଶଗଡ଼ ଶାଖା ଗଠନ


M K Raut


Purandar Mishra


Purnashree Raut


Ajay Dewta


Ankita Patel


Piyush Mishra


Janardan Singh


Sharmila Samantaray

ରାୟପୁର/ଭୁବନେଶ୍ୱର/ନୂଆଦିଲ୍ଲୀ,(ପି.ଏନ): ୱାର୍ଲଡ୍ ଓଡ଼ିଶା ସୋସାଇଟି(ୱାଓସୋ)ର ଛତିଶଗଡ଼ ଶାଖା ଗଠନ କରାଯାଇଛି। ପ୍ରବୀଣ ପ୍ରଶାସିକା, ବିଶିଷ୍ଟ କଳାଧର୍ମୀ ଲେଖିକା ଏବଂ ସୁନାମଧନ୍ୟ ଓଡ଼ିଶୀ ନୃତ୍ୟ ପଟ୍ଟୟସୀ ପୂର୍ଣ୍ଣଶ୍ରୀ ରାଉତଙ୍କୁ ଏହି ଶାଖାର ସଭାପତି ଭାବରେ ମନୋନୀତ କରାଯାଇଛି। ପ୍ରତିଷ୍ଠିତ ସମାଜସେବୀ ଓ ଶିଳ୍ପୋଦ୍ୟୋଗୀ ଅଜୟ ଦେବତା ସଂଗଠନର ସାଧାରଣ ସମ୍ପାଦକ ହେବେ। ଉଦୀୟମାନ ଓଡ଼ିଶୀ ନୃତ୍ୟାଙ୍ଗନା ଅଙ୍କିତା ପଟେଲ ଓ ଯୁବନେତା ପୀୟୂଷ ମିଶ୍ର ସଂସ୍ଥାର ଉପସଭାପତି ପଦଭାର ଗ୍ରହଣ କରିବେ। ବରିଷ୍ଠ ପ୍ରଶାସକ ଜନାର୍ଦ୍ଦନ ସିଂହ ଏବଂ ଲବ୍ଧପ୍ରତିଷ୍ଠ ସୌନ୍ଦର୍ଯ୍ୟବିତ୍ ଶର୍ମିଳା ସାମନ୍ତରାୟଙ୍କୁ ସଂଘର ଦୁଇ ସଂଯୁକ୍ତ ସାଧାରଣ ସମ୍ପାଦକ ପଦବୀ ପାଇଁ ଚୟନ କରାଯାଇଛି। ପୂର୍ବତନ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନ୍ମଥ କୁମାର ରାଉତ ଏହି ଶାଖାର ମୁଖ୍ୟ ଉପଦେଷ୍ଟା ରହିବେ। ରାୟପୁରସ୍ଥିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ପୁରନ୍ଦର ମିଶ୍ରଙ୍କୁ ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ଭାବେ ନାମିତ କରାଯାଇଛି। ୬୯ଟି ଦେଶରେ ଶାଖା ରହିଥିବା ୱାର୍ଲଡ୍ ଓଡ଼ିଶା ସୋସାଇଟି, ବିଶ୍ୱ ଭରି ଓଡ଼ିଆ ସମ୍ପ୍ରଦାୟର ସର୍ବୋଚ୍ଚ ଛାମୁଆ ସଂଗଠନ ଭାବରେ ଗଣ୍ୟ ହେଉଛି। ଏହି ସଂସ୍ଥାରେ ବିଭିନ୍ନ ରାଷ୍ଟ୍ରର ଓଡ଼ିଆ ସମାଜର ପ୍ରତିନିଧି, ତୁଙ୍ଗ ପ୍ରବାସୀ ଓଡ଼ିଆ, ଓଡ଼ିଶା ପ୍ରେମୀ ବ୍ୟକ୍ତିବିଶେଷ ଏବଂ ପୃଥିବୀବ୍ୟାପୀ ଓଡ଼ିଆ ସାମାଜିକ ତଥା ସାଂସ୍କୃତିକ ସଂଗଠନ ମାନଙ୍କର ନେତାମାନେ ସଦସ୍ୟ ରହିଛନ୍ତି। ସଭାପତି ପଦବୀ ଅଳଙ୍କୃତ କରିବା ପରେ ଏକ ବକ୍ତବ୍ୟରେ ପୂର୍ଣ୍ଣଶ୍ରୀ ରାଉତ, ୱାର୍ଲଡ୍ ଓଡ଼ିଶା ସୋସାଇଟି ଛତିଶଗଡ଼ ପ୍ରଦେଶରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନଙ୍କର ସ୍ୱାର୍ଥରକ୍ଷା ତଥା ସେମାନଙ୍କର ସୁଖ, ସ୍ୱାଚ୍ଛନ୍ଦ ଏବଂ ସର୍ବାଙ୍ଗୀନ କଲ୍ୟାଣ ସାଧନ ଦିଗରେ କାର୍ଯ୍ୟ କରିବ ବୋଲି ଘୋଷଣା କରିଛନ୍ତି। ସମଗ୍ର ଛତିଶଗଡ଼ରେ ଓଡ଼ିଶାର ମହାନ କଳା, ଉତ୍କୃଷ୍ଟ ସଂସ୍କୃତି ଏବଂ ସମୃଦ୍ଧ ପରମ୍ପରାର ପ୍ରଚାର, ପ୍ରସାର ତଥା ଏହାକୁ ଲୋକପ୍ରିୟ କରିବା ଦିଗରେ ୱାଓସୋର ପ୍ରୟାସକୁ ସହଯୋଗ କରିବା ପାଇଁ ଶ୍ରୀମତୀ ରାଉତ ରାଜ୍ୟର ଓଡ଼ିଶାପ୍ରେମୀ ଜନସାଧାରଣମାନଙ୍କୁ ନିବେଦନ କରିଛନ୍ତି। ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅନ୍ତଃରାଷ୍ଟ୍ରୀୟ ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଏବଂ ଭାରତୀୟ ଅଧ୍ୟାୟର ସଭାପତି ଡଃ ବିପିନ ମିଶ୍ର, ଶ୍ରୀମତୀ ରାଉତ ଏବଂ ନୂଆ ଛତିଶଗଡ଼ ଟିମକୁ ଭବ୍ୟ ସ୍ୱାଗତ ଜଣାଇବା ସହିତ ନବନିଯୁକ୍ତ ପଦାଧିକାରୀ ମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର କୃପାରୁ ରାଜ୍ୟର ପ୍ରବାସୀ ଓଡ଼ିଆମାନଙ୍କର ଆଶା, ଆକାଂକ୍ଷାକୁ ପୂରଣ କରିବା ଦିଗରେ ସକ୍ଷମ ହେବେ ବୋଲି କାମନା କରିଛନ୍ତି।

# ବିଜୟ ପାତ୍ରଙ୍କୁ ଉତ୍କଳ ରତ୍ନ ସମ୍ମାନ: ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ବସନ୍ତ ଉତ୍ସବ



ଭୁବନେଶ୍ୱର,(ପି.ଏନ): ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ବସନ୍ତ ଉତ୍ସବ ନୀଳାଦ୍ରି ବିହାର ସ୍ଥିତ ଗ୍ରାଣ୍ଡ ଲୁମ୍ବିନୀ କନ୍‌ଭେନସନ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଡ. ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ମାନ୍ୟବର ଜଷ୍ଟିସ ପ୍ରଥମ ପଟ୍ଟନାୟକ ଯୋଗଦେଇ କହିଥିଲେ ବରିଷ୍ଠ ନାଗରିକମାନେ ହେଉଛନ୍ତି ରାଷ୍ଟ୍ରର ପଥ ପ୍ରଦର୍ଶକ, ସେମାନେ ସର୍ବଦା ସୁସ୍ଥ ଓ ନିରୋଗୀ ରୁହନ୍ତୁ। ପାରିବାରିକ ବିବାଦର ସମାଧାନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜିବୀ ଡ. ହାସନ ଖାଁ, ଡ. କାର୍ତ୍ତିକ କୁମାର ଦାସ, ପୂର୍ବତନ ପ୍ରଶାସକ ଦୋଳଗୋବିନ୍ଦ ତ୍ରିପାଠୀ, ବରିଷ୍ଠ ଶିକ୍ଷାବିତ୍ ପୁଷ୍ପଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇ ବସନ୍ତ ଆଗମନରେ ପ୍ରକୃତିର ହସ ଓ ମାନବ ସମାଜରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଡ. ଗୌରବ ନାୟକ ବରିଷ୍ଠ ନାଗରିକ ମାନଙ୍କ ଫୁସଫୁସ ଜନିତ ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ସଚେତନ କରାଇଥିଲେ। ସମ୍ପାଦକ ଡ. ଯୁଗଳ କିଶୋର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ଆଶାଲତା ରାଉତରାୟ ଭାଗବତ ଗୀତା ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ବରିଷ୍ଠ ଆଇନଜିବୀ ବିଜୟ କୁମାର ପାତ୍ରଙ୍କୁ ଉତ୍କଳ ରତ୍ନ ସମ୍ମାନ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଯୁକ୍ତ ପାତ୍ର ଓକିଲାତିକୁ ପ୍ରାଥମିକତା ଦେଇ ବହୁ ଜନକଲ୍ୟାଣ କାର୍ଯ୍ୟ କରିଆସୁଛନ୍ତି। ନିଜସ୍ୱ ଜାଗାରେ ସାଇ ଜରା ନିବାସ ପ୍ରତିଷ୍ଠା କରି ଗରିବ ଅସହାୟ ବାପା ମା ମାନଙ୍କୁ ସେବା ଯୋଗାଉଛନ୍ତି। ଏଥି ସହିତ ବୃକ୍ଷ ରୋପଣ, ରକ୍ତଦାନ, ପଶୁପକ୍ଷୀ ମାନଙ୍କୁ ପ୍ରତିଦିନ ଖାଦ୍ୟ ବ୍ଣ୍ଟନ ଓ କ୍ଲଥବ୍ୟାଙ୍କ ପ୍ରତିଷ୍ଠା କରି ବସ୍ତ୍ର ବ୍ଣ୍ଟନ ଭଳି କାର୍ଯ୍ୟ ଜାରି ରଖିଛନ୍ତି। ଏହି ସମ୍ମାନ ତାଙ୍କୁ ଅଗକୁ ଅଧିକ ସେବାକାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ତିନି ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦାନ କରି ନାଚ, ଗୀତ, ଓ କବିତା ପାଠ କରି ଉତ୍ସବ ମନାଇଥିଲେ। ଶେଷରେ ଉପସଭାପତି ଅକ୍ଷୟ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ପାରାଦୀପ ବନ୍ଦରରେ ପଣ୍ୟ ବୋଝେଇରେ ରେକର୍ଡ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ନୂଆ ଆଇରନ୍ ଓର୍ ବୋଝେଇ ବର୍ଥରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ପାଇଁ ଜେଏସଡବ୍ଲ୍ୟୁପିଟିପିଏଲ୍ ଦ୍ୱାରା ୧ଲକ୍ଷ ୫୦ ହଜାର ୪୭୦ ମେଟ୍ରିକ୍ ଟନ୍ ଆଇରନ୍ ଓର୍ ଫାଇନ୍ସ ବୋଝେଇ କରି ରେକର୍ଡ ସୃଷ୍ଟି କରିଛି । ଏମ୍.ଭି. ଆରାବେଲା ଜାହାଜରେ ଏହି ପଣ୍ୟ ବୋଝେଇ ହୋଇଛି। ପୂର୍ବରୁ ପାରାଦୀପ ବନ୍ଦରରେ ୧ଲକ୍ଷ ୫୦ ହଜାର ୪୦ ମେଟ୍ରିକ୍ ଟନ୍ ପଣ୍ୟ ବୋଝେଇ କରାଯାଇଥିବା ବେଳେ ଏହି ରେକର୍ଡ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟି କରିଥିବାରୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ପାରାଦୀପ ବନ୍ଦର ପ୍ରାଧିକରଣର ଟିମ୍ କୁ ଅଭିନନ୍ଦନ ଜଣାଇଛନ୍ତି ।

# ଆଇ.ଏନ୍.ଟି.ୟୁ.ସି.ର ପୂର୍ବତନ ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ପରଲୋକ

ଭୁବନେଶ୍ୱର,(ପି.ଏନ) :ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କର ଅକାଳ ବିୟୋଗରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ ଶୋକ ପ୍ରକାଶ କରିବା ସହିତ ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ୰ ପାଣ୍ଡେ ଆଇ.ଏନ୍.ଟି.ୟୁ.ସି.ର ପୂର୍ବତନ ରାଜ୍ୟ ଉପସଭାପତି ରହିଥିବାବେଳେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ଦୁଇ ଥର ବିଧାୟକ ଭାବରେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଶ୍ରମିକମାନଙ୍କ ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ଏହା ସମଗ୍ର ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଡଃ ଖୁଂଟିଆ ବ୍ୟକ୍ତ କରିବା ସହିତ ତାଙ୍କ ପାର୍ଥିବ ଶରୀର ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ଏହି ସମୟରେ ଆଇ.ଏନ୍.ଟି.ୟୁ.ସିର ରାଜ୍ୟ ସଭାନେତ୍ରୀ ପ୍ରଣତୀ ମିଶ୍ର, ଉପସଭାପତି - ଶ୍ୟାମ ସୁନ୍ଦର ମହାପାତ୍ର, ବଲାଙ୍ଗିର ଜିଲ୍ଲା ସଭାପତି - କୃଷ୍ଣ ଚନ୍ଦ୍ର ସାହୁ, ସମ୍ପାଦକ - ଅଜୟ କୁମାର ପାଇକରାୟ, ସାଗର ରଞ୍ଜନ ପରିଡ଼ା ଓ ରଶ୍ମିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# କାନ୍‌ମାସ୍ ପକ୍ଷରୁ ୨୦ତମ ଜାତୀୟ ନାଟ୍ୟ ମହୋତ୍ସବ ଉଦଘାଟିତ



ପାରାଦୀପ, (ପି.ଏନ): ପାରାଦୀପର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କାନମାସ୍ ପକ୍ଷରୁ ୨୦ତମ ଜାତୀୟ ନାଟ୍ୟ ମହୋତ୍ସବ ରବିବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଏହି ନାଟ୍ୟ ମହୋତ୍ସବକୁ ଉଦଘାଟନ କରିଛନ୍ତି । ଉଦଘାଟନୀ ସମାରୋହରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦଙ୍କ ସମେତ ନିମନ୍ତ୍ରିତ ଅତିଥି ଭାବେ ପାରାଦୀପ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଉପାଧ୍ୟକ୍ଷ ଏ.କେ.ବୋଷ, ପାରାଦୀପ ରିଫାଇନାରୀର ନିର୍ବାହୀ ନିର୍ଦ୍ଦେଶକ ମୁକେଶ ମୋହନ,ଇଫକୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ କେ.ଜେ.ପଟେଲ୍,ବିଶିଷ୍ଟ ନାଟ୍ୟ ପ୍ରତିଭା ସତ୍ୟବ୍ରତ ରାଉତ, ତଟରକ୍ଷୀ ବାହିନୀର ଡିଆଇଜି ଯଶବନ୍ତ କୁମାର ସିଂ, ଜମ୍ମୁକାଶ୍ମୀର ପ୍ରସିଦ୍ଧ ନାଟ୍ୟ ପ୍ରତିଭା ମୁସ୍ତାଫା ଅହମ୍ମଦ, ନାଟ୍ୟ ନିର୍ଦ୍ଦେଶକ ସୂର୍ଯ୍ୟ ମୋହନ କୁଳଶ୍ରେଷ୍ଠା, କାନମାସ୍‌ର ସଭାପତି କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର ଯୋଗ ଦେଇଥିଲେ। ଏହି ସମାରୋହରେ ପୌରହିତ୍ୟ କରିଥିଲେ କାନମାସ୍‌ର ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ର । ରବିବାର ଠାରୁ ଆରମ୍ଭ ହେଉଥିବା ଏହି ନାଟ୍ୟ ମହୋତ୍ସବ ଆସନ୍ତା ୨୮ ତାରିଖ ଦିନ ଉଦଯାପିତ ହେବ । ଉଦଘାଟନୀ ସଂଧ୍ୟାରେ ଲକ୍ଷ୍ନୌର ନିପା ରଙ୍ଗମଣ୍ଡଳୀ ଦ୍ୱାରା ହିନ୍ଦିଭାଷୀ ନାଟକ ଭଗବଦ୍ ଜୁଡିୟମ୍ ପରିବେଷଣ କରାଯାଇଥିଲା ।





2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Monday March 20, 2023 ଭୁବନେଶ୍ୱର ସୋମବାର, ମାର୍ଚ୍ଚ ୨୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# କିଟ୍ ପକ୍ଷରୁ ପଟିଆରେ ନିଯୁକ୍ତି ମେଳା



ଭୁବନେଶ୍ୱର, (ପି.ଏନ): ପଟିଆ ଗ୍ରାମ ମଙ୍ଗଳ ସମିତି ଆନୁକୂଲ୍ୟରେ ପଟିଆ ଗାଁରେ ଅନୁଷ୍ଠିତ ନିଯୁକ୍ତି ମେଳାରେ କିଟ୍ ପକ୍ଷରୁ ୧୨୫ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଶନିବାର ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଟିଆ ଗାଁର ୧୨୫ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ କହିଥିଲେ, କିଟ୍ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ସେଥିପାଇଁ ପଟିଆବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଆସିଛି। ଆମେ ସବୁବେଳେ ପଟିଆ ଓ ପଟିଆବାସୀଙ୍କୁ ନେଇ ଗର୍ବ ଅନୁଭବ କରିଥାଉ। ପଟିଆର କିଛି ଯୁବକ ଯୁବତୀଙ୍କୁ କିଟ୍‌ରେ ନିଯୁକ୍ତି ଦେବା ପାଇଁ ପଟିଆ ଗ୍ରାମ ମଙ୍ଗଳ ସମିତି ପକ୍ଷରୁ ଅନୁରୋଧ କରାଯାଇଥିଲା। ଗ୍ରାମ ମଙ୍ଗଳ ସମିତିର ଅନୁରୋଧ କ୍ରମେ କିଟ୍ ଆଜି ପଟିଆ ଗ୍ରାମର ୧୨୫ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛି। ପୂର୍ବରୁ କିଟ୍, କିସ୍ ଓ କିମ୍ସରେ ପଟିଆ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ପିଲା ଚାକିରି କରୁଥିବା ବେଳେ ଆଜି ଆଉ ୧୨୫ଜଣ ନିଯୁକ୍ତି ପାଇବା ପରେ ପଟିଆ ଗ୍ରାମର ମୋଟ ୩୨୫ ଜଣ କିଟ୍‌ରେ ନିଯୁକ୍ତି ପାଇଲେ। ଗୋଟିଏ ଗାଁରୁ ଗୋଟିଏ ଅନୁଷ୍ଠାନରେ ଏତେ ସଂଖ୍ୟକ ପିଲା କୌଣସି ଗୋଟିଏ ଅନୁଷ୍ଠାନରେ ନିଯୁକ୍ତି ପାଇବା ଏକ ରେକର୍ଡ ବୋଲି ଶ୍ରୀ ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଟିଆ ଗ୍ରାମ ମଙ୍ଗଳ ସମିତିର ପରାମର୍ଶଦାତା ତଥା ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନୃସିଂହ ରାଉତ, ୩ ନମ୍ବର ୱାର୍ଡର କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା, ଗ୍ରାମ ମଙ୍ଗଳ ସମିତିର ସମ୍ପାଦକ ସନ୍ତୋଷ ପରିଡ଼ା, ସଭାପତି ଚିତ୍ତ ରଞ୍ଜନ ପାତ୍ର, ଅଡ଼ିଟର ଅମୂଲ୍ୟ କୁମାର ଜେନା, ବରିଷ୍ଠ ସଭ୍ୟ ବିଷ୍ଣୁ ଚରଣ ପାତ୍ର କିଟ୍ ତଥା ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍‌ର ପାଇଁ ପଟିଆ ଗ୍ରାମବାସୀ ଆଜି ଗର୍ବିତ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

## ବନାଞ୍ଚଳ ସ୍ତରୀୟ ବନ ସୁରକ୍ଷା ସମିତି ବୈଠକ

ଚମ୍ପୁଆ,(ପି.ଏନ): ଚମ୍ପୁଆ ନଗର ଭବନ ଠାରେ ଚମ୍ପୁଆ ବନ ବିଭାଗ ଆନୁକୂଲ୍ୟ ବନାଂଚଳ ସ୍ତରୀୟ ବନ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିର ଭାବେ ଚମ୍ପୁଆ ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ସମ୍ମାନିତ ଅତିଥି ଭାବେ ଏସ୍.ସି.ଏଫ୍ ସତ୍ୟବ୍ରତ ମହାନ୍ତ, ରଜିଆ ସରପଂଚ ସନ୍ତୋଶ କୁମାର ନାଏକ, ଫରେଷ୍ଟ ଟ୍ରେନିଙ୍ଗ ସ୍କୁଲ ଅଧ୍ୟାପକ ଅମର କୁମାର ବେହେରା, ସରପଂଚ ସଂଜିତା ଚାତାର, ମାଧୁରୀ ନାଏକ, ପ୍ରମୁଖ ଯୋଗ ଦେଇଥିଲେ। ଚମ୍ପୁଆ ବନାଂଚଳ ଅଧିକାରୀ ଅକ୍ଷୟ କୁମାର ଛତ୍ରିୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପଂଚାୟତର ସରପଂଚ, ଲୋକ ପ୍ରତିନିଧି, ଗ୍ରାମ ଜଙ୍ଗଲ ସୁରକ୍ଷା କମିଟିର ସଭାପତି, ସଂପାଦକ, ସଦଶ୍ୟ ସମେତ ଚମ୍ପୁଆ, ଯୋଡା, ବାମେବାରୀ, ଉଖୁଣ୍ଡା ଓ ବାଲିବନ୍ଧ ଆଦି ସେକ୍ସନର ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ନିକଲସନ ବନ ବିଦ୍ୟାଳୟର ପ୍ରଶିକ୍ଷଣ ନେଉଥିବା ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ। ଅତିଥି ଅଧିକାରୀ ମାନେ ଜଙ୍ଗଲ ନିଆଁ ବର୍ତ୍ତମାନ ପରିସ୍ଥିତିରେ ଏକ ପ୍ରମୁଖ ସମସ୍ୟା ହୋଇପଡିଥିବା ବେଳେ ହାତୀ ଓ ମଣିଷ ମଧ୍ୟରେ ଲାଗିଥିବା ସଂଘର୍ଷର ନିରାକରଣ ପାଇଁ ଜନ ସାଧାରଣଙ୍କର ସହଯୋଗ ଲଢିଥିଲେ। ଏପରିକି ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ପାଇଁ ସବୁ ବର୍ଗର ଲୋକ ମାନେ ଆଗେଇ ଆସିବା ଉଚିତ ବୋଲି ଅତିଥି ମାନେ ଆହ୍ୱାନ ଦେଇଥିଲେ। ବର୍ତମାନ ଜଙ୍ଗଲର ନିଆଁକୁ ଆୟୋତ ଓ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ମଧ୍ୟ ସହାୟତା ଲଡା ଯାଉଛି ବୋଲି ସୂଚନା ପ୍ରଦାନ କରାଯାଇଥିଲା।




## ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରଘୁବେଡା ବାସି ବାସିନ୍ଦା

ପଣ୍ଡାପଡା,(ପି.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବକ୍ସିବାରିଗାଁ ପଂଚାୟତର ବାଇଜାପଡା ଗ୍ରାମ ରଘୁବେଡା ସାହିରେ ପାଖାପାଖି ୨୦/୩୦ ପରିବାର ବସବାସ କରୁଥିବା ବେଳେ ପାନୀୟ ଜଳ ପାଇଁ ଗୋଟିଏ ମାତ୍ର ନଳକୂପ ଏହି ସାହିରେ ଅଛି। ମାତ୍ର ତାହା ଅନେକ ଦିନ ହେଲାଣି ଅଚଳ ହୋଇ ପଡିଛି। ଯାହା ଫଳରେ ସାହି ବାସିନ୍ଦାମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମିତିସଭ୍ୟା ରଜନୀ ନାଏକ ଏବିଡିଓଙ୍କ ନିକଟରେ ଉକ୍ତ ସମସ୍ୟା ବାବଦରେ ଗୁହାରୀ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ। ତେଣୁ ଯଥାଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଜାନକୀ ନାଏକ, ବ୍ରାହ୍ମଣୀ ନାଏକ, ମିନତୀ ନାଏକ, ପଦ୍ମିନୀ ନାଏକ, ସୁବାଷିନୀ ନାଏକ, ଦେବକୀ ନାଏକ, ଚନ୍ଦନୀ ନାଏକ, ବୁଧୁ ନାଏକ, ରସାନନ୍ଦ ନାଏକ, ସୁଜାତା ନାଏକ ପ୍ରମୁଖ ସାହି ବାସିନ୍ଦା ଦାବି କରିଛନ୍ତି।

## ଶ୍ରଦ୍ଧା କମ୍ୟୁନିକେସନର ସଟର ଭାଙ୍ଗି ଲୁଟି ନେଲେ ମୋବାଇଲ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଷ୍ଟେଟ୍ ବ୍ୟାଙ୍କ୍ ନିକଟରେ ଥିବା ଶ୍ରଦ୍ଧା କମ୍ୟୁନିକେସନରୁ ଦୁର୍ବୃତ୍ତମାନେ ସଟର ଭାଙ୍ଗି ଏକ ଲକ୍ଷରର ଊର୍ଦ୍ଧ୍ୱ ଟଙ୍କାର ମୋବାଇଲ ଚୋରି କରି ନେଇଥିବା ବେଳେ ଦୋକାନର ମାଲିକ ରାମଚନ୍ଦ୍ର ପାତ୍ର ଆନନ୍ଦପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ ରାମଚନ୍ଦ୍ର ପାତ୍ର ସବୁଦିନ ପରି ଗତକାଲି ରାତି ୧୦ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳେ ଆସି ଦେଖିବା ବେଳକୁ ଦୋକାନର କାଠ କବାଟକୁ ତାଡି ଦେଇଥିବା ବେଳେ ଭିତର ସଟରକୁ ଶାବଳ ଦ୍ୱାରା ତଡା ଯାଇ ଛୋଟ ବଡ ମିଶି ୩୫ଟି ମୋବାଇଲ ସହିତ କିଛି ମୋବାଇଲ ଏସୋସରିଜ୍ ନେଇଯାଇଥିବା ବେଳେ ଦୋକାନ ଭିତରେ ଲାଗିଥିବା ସିସିଟିଭି ତାରକୁ କାଟି ଦେଇଥିଲେ। ଶ୍ରୀ ପାତ୍ର ସଙ୍ଗେ ସଙ୍ଗେ ଆନନ୍ଦପୁର ଥାନାରେ ଜଣାଇବା ପରେ ଘଟଣା ସ୍ଥଳରେ ଆନନ୍ଦପୁର ପୋଲିସି ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଚୋରି ମୋବାଇଲ ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

## ଧକୋଠା ସ୍ୱାଧାର ଗୃହରୁ ନାବାଳିକା ଫେରାର

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଂଚଳରୁ ଜଣେ ନାବାଳିକା ଜଣେ ଯୁବକଙ୍କ ସହ ଫେରାର ହୋଇଯାଇଥିଲେ। ପରିବାର ପକ୍ଷରୁ ରାମଚନ୍ଦ୍ରପୁର ଥାନାରେ ଏତଲା ଦେବାପରେ ଉକ୍ତ ନାବାଳିକାକୁ ରାମଚନ୍ଦ୍ରପୁର ପୋଲିସ ଉଦ୍ଧାର କରି ଧକୋଠାର ସ୍ୱାଧାର ଗୃହରେ ଛାଡିଥିଲେ। ପୂନର୍ବାର ସେହି ନାବାଳିକା ସୁଧାର ଗୃହର ପାଚେରୀ ଡେଇଁ ଫେରାର ହୋଇଯାଇଛନ୍ତି। ଯାହାକୁ ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ମିଷ୍ଟର କର୍ଣ୍ଣାଟକଙ୍କୁ ଚମ୍ପୁଆରେ ଭାବ୍ୟ ସ୍ୱାଗତ

ଚମ୍ପୁଆ,(ପି.ଏନ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଂଚାୟତର ବଳଭଦ୍ରପୁର ଗ୍ରାମର ସୁନାରାମ ପୁର୍ତିଙ୍କୁ ଚମ୍ପୁଆ ଠାରେ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଛି। ଅଖ୍ୟାତ ପଲ୍ଲୀରୁ ବିଖ୍ୟାତ ସଫଳତା ପ୍ରାପ୍ତ କରିଥିବା ସୁନାରାମଙ୍କୁ ଚମ୍ପୁଆ ଗାନ୍ଧୀ ଛକ ଠାରେ ଚମ୍ପୁଆ ବାର ଆସସିଏସନ୍ ସଭାପତି ରମାକାନ୍ତ କର ଓ ସଂପାଦକ ବିଜୟ କୁମାର ପ୍ରଧାନ ସ୍ଥିତ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ ପୁଷ୍ପ ଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଯୋଗ୍ୟକି ସୁନାରାମ ୨୦୦୪,୨୦୦୬ ଓ ୨୦୧୨ ମସିହାରେ ବଡିବିଲ୍ଡିଂ କ୍ଷେତ୍ରରେ କର୍ଣ୍ଣାଟକ ରାଜ୍ୟର ମିଷ୍ଟର କର୍ଣ୍ଣାଟକ ଭାବେ ପରିଗଣିତ ହୋଇଥିବା ବେଳେ ୨୦୨୦ ମସିହାରେ ଦୁବାଇ ଠାରେ ଆୟୋଜିତ ବଡିବିଲ୍ଡିଂ ପ୍ରତିଯୋଗିତାରେ ସଫଳ ହୋଇଥିଲେ। ପିତା ରାମରାୟ ପୁର୍ତି ଓ ମାତା ଦିରଙ୍ଗ ପୁର୍ତିଙ୍କ ସୁଯୋଗ୍ୟ ସନ୍ତାନ ସୁନାରାମ ପୁର୍ତି କାଶିପାଳ ଉଚ୍ଚ ବିଦ୍ୟାଳୟରୁ ମେଟ୍ରିକ ପାସ କଲାପରେ ପରିବାରର ଆର୍ଥିକ ବୋଝ ସୁଧାରିବା ପାଇଁ ସେ କର୍ଣ୍ଣାଟକ ଚାଲିଯାଇ ୧୮ ଶହ ଟଙ୍କାରେ ଚାକିରି ଆରମ୍ଭ କରିଥିଲେ। ସମୟ ସୁବିଧା ଦେଖି ସେ ଜିମ୍ ଯିବା ସହିତ ନିଜକୁ ଜଣେ ସଫଳ ବଡିବିଲ୍ଡର୍ ଭାବେ ପରିଚିତ କରାଇ ପାରିଥିଲେ।

## ସରକାରୀ ନିର୍ଦ୍ଦେଶନାମା କୁ ବେଖାତିର- ହଟୁନି ଜବରଦଖଲ,ହନ୍ତସନ୍ତ ଜମି ମାଲିକ,ପୋଲିସ୍ ନିରବ

ପାରାଦୀପ,(ପି.ଏନ): କୁଜଙ୍ଗ ତହସିଲ ଅଧିନସ୍ଥ ପାରାଦୀପଗଡ ରାଜସ୍ୱ ନିରୀକ୍ଷକଙ୍କ ଅଧିନରେ ଥିବା ଉଦୟବଟ ମୌଜାର ଖାତା ନମ୍ବର ୮୮୧/୧୮୯, ପ୍ଲଟ୍ ନମ୍ବର ୧୦୦୦ର ମାଲିକ ହେଉଛନ୍ତି ପାରାଦୀପ ମଧୁବନର ବସିନ୍ଦା ଗୌତମ ବିନ୍ଧାଣୀ। ଶ୍ରୀ ବିନ୍ଧାଣୀଙ୍କର ଏଠାରେ ରହିଛି ଏ.୧.୦୦ ଡିସିମିଲ୍ ଯାଗା। ଏହି ଜାଗାକୁ ପାରାଦୀପ ବୃନ୍ଦାବନ କଲୋନୀ ପ୍ଲଟ ନମ୍ବର ୪/୯୨ର ବାସିନ୍ଦା ରବିନ୍ଦ୍ର କୁମାର ବାରିକ,ପିତା-କୃଷ୍ଣ ଚନ୍ଦ୍ର ବାରିକ ଦୀର୍ଘ ଦିନ ହେବ ଜବରଦଖଲ କରି ରଖିଛନ୍ତି। ରବିନ୍ଦ୍ର ସେଠାରେ କବାଡିଆ ବେପାର କରୁଛନ୍ତି।

## ୨୬ ତମ ସର୍ବ ଭାରତୀୟ ଖେଳରେ ପଦକ ହାସଲ କଲେ ବନପାଳ




ଚମ୍ପୁଆ,(ପି.ଏନ): ଚମ୍ପୁଆ ନିକଲସନ ପ୍ରଶିକ୍ଷଣ ବନ ବିଦ୍ୟାଳୟର କାର୍ଯ୍ୟରତ ବନପାଳ ଆଶାମଣୀ ସାହୁ ସର୍ବ ଭାରତୀୟ ଖେଳରେ ପଦକ ହାସଲ କରିଥିବାରୁ ଖୁସିର ଲହରୀ ଖେଳିଯାଇଛି। ହରିୟାଣାର ପଂଚକୁଲା ଠାରେ ୧୦ ତାରିଖ ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୨୬ ତମ ସର୍ବ ଭାରତୀୟ ବନ ବିଭାଗ ଖେଳ ପ୍ରତିଯୋଗିତାରେ ଆଶାମଣୀ ସାହୁ ୪୦୦ ଓ ୮୦୦ ମିଟର ଚାଲିବା ପ୍ରତିଯୋଗିତାରେ ଭାଗ ନେଇ ଦୁଇଟି ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ମାରାଥନରେ ଭାଗ ନେଇ ରୋପ୍ୟ ପଦକ ହାସଲ କରି ଚମ୍ପୁଆ ତଥା ଜିଲାର ଗୌରବ ବଢାଇଛନ୍ତି। ଏହି ପ୍ରତିଯୋଗିତାରେ ଓଡିଶାରୁ ୪୨ ଜଣ ବନ କର୍ମଚାରୀ ଭାଗନେଇଥିବା ବେଳେ କେନ୍ଦୁଝର ଡିଭିଜନରୁ ଶ୍ରୀମତୀ ସାହୁ ଏହି ସଫଳତା ହାସଲ କରିଛନ୍ତି। ୨୦୦୧ ମସିହାରେ ବନ ବିଭାଗରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିବା ଶ୍ରୀମତୀ ସାହୁ ବର୍ତମାନ ଚମ୍ପୁଆ ସ୍ଥିତ ନିକଲସନ ପ୍ରଶିକ୍ଷଣ ବନ ବିଦ୍ୟାଳୟରେ ବନପାଳ ଭାବେ କାର୍ଯ୍ୟରତ ଅଛନ୍ତି। ଶ୍ରୀମତୀ ସାହୁଙ୍କ ଘର ହରିଚନ୍ଦନପୁର ବ୍ଲକର ଭଗାମୁଣ୍ଡା ବୋଲି ଜଣା ଯାଇଛି। ତାଙ୍କର ଏହି ସଫଳତା ପାଇଁ ବନ ବିଭାଗ ପକ୍ଷରୁ ସୁଭେଚ୍ଛା ପ୍ରଦାନ କରାଯାଇଥିବା ବେଳେ ନିକଲସନ ପ୍ରଶିକ୍ଷଣ ବନ ବିଦ୍ୟାଳୟର ଅଧକ୍ଷ ତଥା ଡି.ସି.ଏଫ୍ ପ୍ୟାରି ମୋହନ ମାଝୀ ସୁଭେଚ୍ଛା ଜଣାଇବା ସହିତ ଏହି ସଫଳତା ଆମ ଜିଲା ଓ ଅଂଚଳ ସମେତ ବନ ବିଦ୍ୟାଳୟକୁ ଗୌରାନିତ କରିଛି। ଶ୍ରୀମତୀ ସାହୁ ଜଣେ ଦକ୍ଷ କ୍ରୀଡା ବିତ। ବର୍ତମାନ ପର୍ଯ୍ୟନ୍ତ ସେ କ୍ରୀଡାକୁ ଜାରି ରଖିଥିବା ଓ ଗୌରବ ଆଣିଥିବାରୁ ତାଙ୍କର ଉତରତର ଉନ୍ନତି କାମନା କରିଛନ୍ତି।

## ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକ ସମ୍ମିଳନୀ




କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ଠାରେ ଏକ ଗ୍ରାହକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଗ୍ରାହକମାନଙ୍କ ଅତି ନିକଟତର ହେବା ସହିତ ଉନ୍ନତମାନର ଗ୍ରାହକ ସେବା ଯୋଗାଇଦେବା ଏବଂ ବ୍ୟାଙ୍କ ଅଫ ଇଣ୍ଡିଆ ର ବିଭିନ୍ନ ଯୋଜନା ବିଷୟରେ ଗ୍ରାହକମାନଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଉକ୍ତ କାର୍ଯ୍ୟକ୍ରମ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଉମେଶ କୁମାର ରଥ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ବ୍ୟାଙ୍କ ଅଫ ଇଣ୍ଡିଆ ରାଷ୍ଟ୍ରୀୟ ବ୍ୟାଙ୍କ ସମୂହ, ଓଡିଶାର ମୁଖ୍ୟ ତଥା ମହା ପ୍ରବନ୍ଧକ ବିକ୍ରମ କେଶରୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶ୍ରୀ ମିଶ୍ର ଆମନ୍ତ୍ରିତ ଗ୍ରାହକମାନଙ୍କୁ ସମ୍ବୋଧିତ କରିବା ସହିତ ବ୍ୟାଙ୍କ ମାଧ୍ୟମରେ ଗ୍ରାହକମାନଙ୍କର କିପରି ଉତ୍ତୋରତ୍ତର ଉନ୍ନତି ହୋଇ ପାରିବ,ବ୍ୟାଙ୍କ ଅଫ ଇଣ୍ଡିଆ ବିଭିନ୍ନ ଯୋଜନା ମାଧ୍ୟମରେ କିପରି ଲାଭାନ୍ୱିତ ହୋଇପାରିବେ ଏବଂ ଗରିବ ଶ୍ରେଣୀର ଲୋକମାନେ କିପରି ବ୍ୟାଙ୍କର ସହାୟତାରେ ରୋଜଗାରକ୍ଷମ ହୋଇପାରିବେ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଋଣ କିପରି ସହଜ ଏବଂ ସୁବିଧାରେ ଉପଲବ୍ଧ କରିପାରିବେ ଏବଂ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଡିଜିଟାଲ ସେବା ମାଧ୍ୟମରେ ଦେଣନେଣ ପ୍ରକ୍ରିୟାକୁ କିପରି ସୁଗମ କରାଯାଇପାରିବ ସେ ବିଷୟରେ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ତଥା ଆଞ୍ଚଳିକ ପ୍ରବନ୍ଧକ ଉମେଶ କୁମାର ରଥ ଆଲୋକପାତ କରିଥିଲେ। ଏହି ଗ୍ରାହକ ସମ୍ମିଳନୀରେ ୩୫ ଜଣ ହିତାଧିକାରୀଙ୍କୁ ୩୦ କୋଟି ଟଙ୍କାର ସିଦ୍ଧାନ୍ତିକ ସ୍ୱୀକୃତି ଦିଆଯାଇଥିଲା। ଉପ ଆଞ୍ଚଳିକ ପ୍ରବନ୍ଧକ ମହେନ୍ଦ୍ରନାଥ ସୋରେନ ଏବଂ ସହାୟକ ମହା ପ୍ରବନ୍ଧକ ଲଳିତ କୁମାର ମହାନ୍ତ ଏବଂ ବ୍ୟାଙ୍କର ୩୦ଟି ଶାଖାର ପ୍ରବନ୍ଧକ ଉପରୋକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray